# ଅପରାଜେୟ ବିଜେଡି

ଯାଜପୁର ଅଫିସ,୨୭।୧୨

ଯାଜପୁର ଜିଲାରେ ୨୦୨୨ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନରେ ଭାଜପା ଓ କଂଗ୍ରେସ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲାବେଳେ ବିଜେଡି ଅପରାଜେୟ ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଓ ବିଜେଡି ତୁଳନାରେ ଭାଜପା ଅଧିକ ସକ୍ରିୟ ଥିବା ମନେ ହେଉଥିଲେ ହେଁ ଏହି ଦୁଇ ନିର୍ବାଚନରେ ଦଳର ଶକ୍ତିକ୍ଷୟ ହୋଇଥିବା ମନେ ହୋଇଥିଲା। କଂଗ୍ରେସ ନିର୍ବାଚନର ଲାଭକୁ ଧରି ରଖିବାରେ ବିଫଳ ହୋଇଛି।

ବନ୍ୟା, ମରୁଡ଼ି ଅଦିନିଆ ବର୍ଷା ଓ ଧାନ ବିକ୍ରିରେ ସମସ୍ୟାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ହୋଇଛି। ଶିଳ୍ପାୟନ ଜନିତ ଜମିହରା ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ପ୍ରତି ପ୍ରମୁଖ ରାଜନୈତିକ ଦଳର ବିମୁଖତାରୁ ଲୋକେ ନିଜସ୍ତରରେ ଆନ୍ଦୋଳନ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳଗୁଡିକ ଲୋକଙ୍କ ଦୈନନ୍ଦିନ ସମସ୍ୟା ନେଇ ସ୍ୱର ଉତ୍ତୋଳନ କରୁ ନ ଥିବାରୁ ବ୍ୟାସନଗରଠାରୁ ସୁକିନ୍ଦା ଓ ଚଣ୍ଡିଖୋଲ ପର୍ଯ୍ୟନ୍ତ ବିଭିନ୍ନ ନାଗରିକ କମିଟି ସକ୍ରିୟ ହୋଇଛନ୍ତି। କଳିଙ୍ଗନଗର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରକୁ ଉପେକ୍ଷା କରିବା କ୍ରମରେ ସ୍ୱତନ୍ତ୍ର ଜିଲା ଗଠନ ଦାବି ଶାସକ ଦଳକୁ ଚିନ୍ତାରେ ପକାଇଛି।



## ୨୦୨୨: ଯାଜପୁର ଜିଲା ରାଜନୀତି

■ ବ୍ୟାସନଗରରେ କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଉଠିଲା

ଜିଲାରେ ଗତ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ସଫଳତା ବିଜେଡି ଶିବିରକୁ ଦୋହଲାଇ ଦେଇଥିଲା। ଏଥିରେ ଭାଜପା ନେତା ଓ କର୍ମୀମାନେ ମଧ୍ୟ ଅଧିକ ଆତ୍ମବିଶ୍ୱାସୀ ହୋଇ ପରବର୍ତ୍ତୀ ନିର୍ବାଚନରେ ଆହୁରି ଭଲ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ସବୁ ଆଶା ଗତ ଜାନୁୟାରୀରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଫସର ଫାଟିଥିଲା। ଜିଲାର ୩୯ଟି ଜିଲା ପରିଷଦ ଆସନକୁ ବିଜେଡି ହାତେଇ ନେଇଥିଲା। ମାତ୍ର ୩/୪ ଟି ଆସନକୁ ବାଦ୍‌ଦେଲେ ଅନ୍ୟ ସବୁଠି ବଡ଼ବ୍ୟବଧାନରେ ଭାଜପା ପରାଜୟ ବରଣ କରିଥିଲା। ତୈଳ ଦର ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ବିରୋଧରେ ଆଶାତୀତ ପ୍ରତିବାଦ, ବେକାରି ସମସ୍ୟାର ସମାଧାନ ଦିଗରେ ବିଫଳତା ଇତ୍ୟାଦି ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଅନ୍ୟପକ୍ଷେ କଂଗ୍ରେସ ୬ଟି ଜୋନରେ ୨ ହଜାରରୁ ୬ ହଜାର ପର୍ଯ୍ୟନ୍ତ ଭୋଟ ପାଇ କିଛିଟା ଭୋଟମୁଣ୍ଡିକୁ ବୃଦ୍ଧି କରିପାରିଥିଲା। ବିଜେଡି ୪୯.୮୧ %, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀମାନେ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ସାଧାରଣ ନିର୍ବାଚନରେ ୧୫.୫୩%ରୁ ୫ ବର୍ଷରେ ୪୦.୫%କୁ ଲମ୍ଫ ମାରିଥିଲା। ୨୦୧୭ରେ ଜିଲା ଭାଜପା ସଂଗଠନ ସେତେଟା ସୁଦୃଢ଼ ହୋଇ ନ ଥିଲେ ହେଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ୬ଟି ଏବଂ ବିଜେଡି ୩୩ଟି ଜିଲା ପରିଷଦ ଆସନ ହାତେଇଥିଲେ। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ ପ୍ରତିଶତରୁ ପ୍ରାୟ ୩୧ ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଏହା ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଭାଜପା ଜିଲାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଥିଲା। ତଥାପି କୌଣସି ବିଧାନସଭା ଆସନରେ ଭାଜପା ଜିତି ପାରି ନ ଥିଲା। ବଡ଼ଚଣା ଓ ବରୀ ନିର୍ବାଚନ ମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା। ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧୪୮୫ ଭୋଟ ଓ ବରୀରେ ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ।

୨୦୨୨ ମାର୍ଚ୍ଚରେ ଅନୁଷ୍ଠିତ ପୌର ନିର୍ବାଚନରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ଓ ସମସ୍ତ ୧୮ଟି ୱାର୍ଡକୁ ବିଜେଡି ମୂଳପୋଛ କରିଦେଇଥିଲା। ଏଠାରେ ବିରୋଧୀ ଦଳ ବିଜେଡିର ନିକଟତର ମଧ୍ୟ ହୋଇପାରି ନ ଥିଲା। ପୌରାଧ୍ୟକ୍ଷା ଭାବେ ବିଜେଡିର ରଞ୍ଜୁଲତା ହୋତା ମୋଟ ୧୮୬୧୬ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାର ଜ୍ୟୋତିର୍ମୟୀ ଦ୍ୱିବେଦୀ ୨୪୯୩ ଓ କଂଗ୍ରେସର ପ୍ରିୟଦର୍ଶିନୀ ସାମନ୍ତ ୨୨୧୬ ଖଣ୍ଡ ଭୋଟ ପାଇଥିଲେ। ଯାଜପୁର ଜିଲାର ଅନ୍ୟତମ ପୌରପାଳିକା ବ୍ୟାସନଗରରେ ବିଜେଡି ସଫଳତା ପାଇଥିଲେ ହେଁ କଂଗ୍ରେସ କଡ଼ା ଟକ୍କର ଦେଇଥିଲା। କଂଗ୍ରେସ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଏଠାରେ ୨୧.୮୯% ଭୋଟ ହାତେଇ ବିଜେଡି ଓ ଭାଜପା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଅନ୍ୟପକ୍ଷେ ବିଜେଡି ୪୮.୨୬% ଓ ଭାଜପା ୧୧.୩୨% ଭୋଟ ପାଇଥିଲା। କହିବାବାହୁଲ୍ୟ, କଂଗ୍ରେସ ତା'ର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ପ୍ରଥମ ପାହାଚ ଅତିକ୍ରମ କରିଥିଲା। ନିର୍ବାଚନ ଫଳାଫଳ ରିପୋର୍ଟ ଅନୁସାରେ ଏଠାରେ ଅଧ୍ୟକ୍ଷା ପଦବୀରେ ବିଜେଡିର ସଙ୍ଗୀତା ପିଙ୍ଗୁଆ ୧୫,୭୨୦, ଭାଜପାର ସୁମିତ୍ରା ଜାମୁଡା ୪,୧୯୪ ଓ କଂଗ୍ରେସର ମଞ୍ଜୁ ଲଛମନ ବାନାରା ୫,୯୮୭ ଭୋଟ ପାଇଥିଲେ। ଭାଜପା ଏଠାରେ ୩ୟ ସ୍ଥାନକୁ ଖସିଥିଲା। ତେବେ ବିଜେଡିକୁ ୧୫ଟି, କଂଗ୍ରେସ ୫, ଭାଜପା ୩ ଓ ସ୍ୱାଧୀନକୁ ୩ କାଉନସିଲର ଆସନ ମିଳିଥିଲା।

## ସଂକ୍ଷେପରେ

### କେଡିଏମ୍ କ୍ରିକେଟ: ଚହଟା, ଉତ୍ତରପ୍ରତାପ ବିଜୟୀ

ଧର୍ମଶାଳା,୨୭।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ବଡ଼ କାଏମା ଖେଳପଡିଆରେ ଚାଲିଥିବା କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୨ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଭବାନୀପୁରକୁ ୬ ଉକେଟରେ ପରାସ୍ତ କରି ଚହଟା ବିଜୟୀ ହୋଇଥିବା ବେଳେ ୨ୟରେ ନେଉଳପୁରଟିମକୁ ୮ ଉଇକେଟରେ ପରାସ୍ତ କରି ଉତ୍ତରପ୍ରତାପ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭବାନୀପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦର୍ଶ କୁମାର ଦାସ ୭୨ ଓ ରମେଶ ନାୟକ ୧୫ ରନ କରିଥିଲେ। ବିପକ୍ଷ ଚହଟା ଟିମ୍‌ର ସୌଭାଗ୍ୟ ମୁଦୁଲି ୧, ସୁରଜ ଯାଦବ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଚହଟା ଟିମ ବ୍ୟାଟିଂ କରି ୧୧.୫ ଓଭରରେ ୪ ଉଇକେଟ ହରାଇ ୧୩୨ ରନ କରି ବିଜୟୀ ହୋଇଛି। ଦଳପକ୍ଷରୁ ସତ୍ୟଜିତ ମହାନ୍ତି ୪୭ ଓ ରାକେଶ ରାଉତ ୩୫ ରନ କରିଥିଲେ। ବିପକ୍ଷ ଭବାନୀପୁର ଟିମ୍‌ର ଜଗନ୍ନାଥ ଦାସ ୨ ଓ ଆଦର୍ଶ ଦାସ ୧ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ନେଉଳପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ରନ କରିଥିଲା। ଦଳପକ୍ଷରୁ ବାବୁଲ ଖାଁ ୩୮ ଓ ସେକ ସାହିଲ ୩୦ ରନ କରିଥିଲେ। ବିପକ୍ଷ ଉତ୍ତରପ୍ରତାପ ଟିମ୍‌ର ଜ୍ୟୋତିପ୍ରକାଶ ସାହୁ ୪ଟି ଓ ଏମ. ସି ବେହେରା ୨ ଉଇକେଟ ନେଇଥିଲେ। ଜବାବରେ ଉତ୍ତରପ୍ରତାପ ଟିମ ୯ ଓଭରରେ ୨ଉଇକେଟ ହରାଇ ୧୩୭ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଚିନ୍ମୟ ସାହୁ ୪୬ ଓ ରାମଚନ୍ଦ୍ର ପୃଷ୍ଟି ୪୩ ରନ କରିଥିଲେ। ବିପକ୍ଷ ଦଳର ସେକ୍ ବୁରହାନ ଓ ସେକ୍ ମୁରତୁଜା ୧ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ପ୍ରତାପ ନାୟକ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ସୁନ୍ଦୁରିଆ ଓ ଜାରକା ଏବଂ ଦ୍ୱିତୀୟ ମ୍ୟାଚ୍ ଅଭୟପୁର ଓ ଚୋରମୁହାଁ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ

କାଏମା,୨୭।୧୨(ଡି.ଏନ.ଏ.)-କାଏମା ଲାଲ ବାହାଦୁର ହାଇସ୍କୁଲର ପୂରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଞ୍ଜନା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ପଦ୍ମନାଭ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ସ୍ୱାଇଁ ସମ୍ମାନୀତ ଅତିଥି, କାମଦେବ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଂସଦର ସଭାପତି ଅଭିମନ୍ୟୁ ରାଉତ ସଭାର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିବା ବେଳେ, ସମ୍ପାଦକ ଗଣେଶ୍ୱର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂସଦର ଗୁରୁ ପୂଜନରେ ବିଦ୍ୟାଳୟର ସମସ୍ତ ପୂର୍ବତନ ତଥା ବର୍ତ୍ତମାନର ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବର୍ଣ୍ଣବୋଧ ଶ୍ରୁତ ଲିଖନ, ବର୍ଣ୍ଣବୋଧ ଶବ୍ଦ ଗଠନ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ଉପସଭାପତି ଚିତ୍ତରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲେଡି ମାଟ୍ରନଙ୍କ ଗଣଧାରଣା, ବିକ୍ଷୋଭ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ନିଯୁକ୍ତି ପାଇଥିବା ଲେଡି ମାଟ୍ରନମାନେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାକାର୍ଡ଼ ଧରି ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସେଠାରେ ଏକ ସଭା ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଲେଡି ମେଟ୍ରୋନଙ୍କୁ ସରକାରୀ ମାନ୍ୟତା, ଚାକିରୀ ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କୁ ହଷ୍ଟେଲ ପରିଚାଳନା ଦାୟିତ୍ୱ ଦେବା, ୨୪ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାର୍ଯ୍ୟ କରିବା, ମାସିକ ଦରମା ୧୦ହଜାର ଟଙ୍କାରୁ ୧୮ହଜାର ଟଙ୍କାକୁ ବୃଦ୍ଧି କରିବା, କାର୍ଯ୍ୟାଳୟ ନିକଟରେ ବାସଗୃହ ଯୋଗାଇ ଦେବା, ଇପିଏଫ୍ କାଟି ଜମା କରିବା, ଅନୁକମ୍ପାମୂଳକ ନିଯୁକ୍ତି ଦାବିରେ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏଥିସହ ଏସବୁ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଦିଆଯାଇଥିଲା।

# ପୁସ୍ତକ ମନୁଷ୍ୟଙ୍କୁ ଆନନ୍ଦ, ଶାନ୍ତି ପ୍ରଦାନ କରିଥାଏ

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ୫ମ ସନ୍ଧ୍ୟା

ଯାଜପୁର ଟାଉନ,୨୭।୧୨(ଡି.ଏନ.ଏ.):

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ୫ମ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନନ୍ୟାର ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପି.ଆର୍ ଯୋଗଦେଇ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ର ପାଠ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ଓ ସଂଗଠନର ସମ୍ପାଦକ ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ପୁସ୍ତକ ମେଳାର ବିବରଣୀ ପାଠ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ମଣିଷର ଚିରକାଳ ବନ୍ଧୁ, ପୁସ୍ତକ ମନୁଷ୍ୟକୁ ଆନନ୍ତ, ଚିନ୍ମୟ ଓ ଶାନ୍ତି ପ୍ରଦାନ କରିଥାଏ ବୋଲି ମତବକ୍ତ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍ ଉଦ୍‌ଘାଟକ ଭାବେ ଯୋଗଦେଇ ପୁସ୍ତକ ମେଳାର ଉତରୋତ୍ତର ଅଭିବୃଦ୍ଧି ଓ ସଫଳତା କାମନା କରିଥିଲେ। ମୁଖ୍ୟବକ୍ତାଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ରସାୟନିକ ବିଭାଗ ପ୍ରାଧାପିକା ଡ. ରୂପଶ୍ରୀରାଗିଣୀ ଦାସ ଯୋଗଦେଇ ପୁସ୍ତକ ମଣିଷ ଜୀବନର ଗତିପଥକୁ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରି ତାକୁ ଉତ୍ତମ ମନୁଷ୍ୟରେ ପରିଣତ କରିଥାଏ ବୋଲି କହିଥିଲେ।

ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଚିରନ୍ତନୀର ସମ୍ପାଦିକା ସଂଯୁକ୍ତା ମହାପାତ୍ର, ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ମେଳାର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ ଇଣ୍ଟରନେଟ୍‌ରେ ଅନେକ ପୁସ୍ତକ ଡାଉନ୍‌ଲୋଡ କରାଯାଉଥିଲେ ମଧ୍ୟ ଭଲ ପୁସ୍ତକର ଆଦର କେବେ କମିବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ସ୍କାଉଟ୍ ଏଣ୍ଡ ଗାଇଡ୍‌ର କମିଶନର ଅନାମିକା ଦାସ ଯୋଗଦେଇ ନାରୀ ଜାଗରଣ ଓ ନାରୀ ସଶକ୍ତୀକରଣର ଉଦାହରଣ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ବ୍ୟଙ୍ଗକବି ସମ୍ମିଳନୀକୁ ବାଇଧର ମାଝି, ଅଖିଳ ମୋହନ ଦାଶ, ଓମ୍ ପଣ୍ଡା, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ସଂଯୋଜନା କରିଥିଲେ। ପ୍ରତୀକ ଭିଜନ୍ ଥିଏଟର ଗ୍ରୁପ୍ ପକ୍ଷରୁ ନାଟକ 'ଶେଷ ଠିକଣା', ନିର୍ଦ୍ଦେଶକ ପ୍ରସନ୍ନ ବିଶ୍ୱାଳ ଓ ସଂଗୀତ ନିର୍ଦ୍ଦେଶକ କାହ୍ନାଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗଣମାଧ୍ୟମ ସଂଯୋଜକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ଇନ୍ଦୁପ୍ରଭା ସାମଲ ଧନ୍ୟବାଦ ଦେଇଥିଲେ।



ପୁସ୍ତକ ମେଳା ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।


ପୁସ୍ତକ ମେଳାରେ ଅନୁଷ୍ଠିତ ନାଟକ 'ଶେଷ ଠିକଣା'ର ଏକ ଦୃଶ୍ୟ।

## ସମସ୍ୟାଘେରରେ ଜରି ଫାଣ୍ଡି

ସିଂହପୁର,୨୭।୧୨(ଡି.ଏନ.ଏ.):

ବିଞ୍ଝାରପୁର ଥାନା ଅଧୀନ ଜରି ଫାଣ୍ଡିଟି ନାନା ସମସ୍ୟା ଦେଇ ଗତିକରୁଛି। ଏହି ଫାଣ୍ଡି ୧୯୮୫ରେ ପ୍ରତିଷ୍ଠା ହୋଇଥିଲା। ହେଲେ ୩୭ ବର୍ଷ ପରେ ମଧ ଫାଣ୍ଡିଗୃହଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଏନ୍‌ଏମ୍ ଗୃହରେ ଫାଣ୍ଡି କାର୍ଯ୍ୟାଳୟ ହୋଇଛି। ବର୍ଷା ଦିନେ ଏହି ଘରୁ ପାଣି ଗଳୁଛି। ଫଳରେ ଫାଣ୍ଡିରେ ରହିବା ସମସ୍ୟା ଦେଖାଦେଉଛି। ଜଣେ ଏଏସ୍‌ଆଇ ଓ ୨ କନଷ୍ଟେବଲରେ ଫାଣ୍ଡି ଚାଲିଛି। ଅଧିକ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଜରି ପଞ୍ଚାୟତରେ ସରକାରୀ ଜମି ସୁବିଧା ନ ଥିବାରୁ ରାଜସ୍ୱ ବିଭାଗ ଗୃହ ବିଭାଗକୁ ଜମି ଚିହ୍ନଟ କରିଦେଇ ପାରୁନାହିଁ, ଯଦ୍ଦ୍ୱାରା ଗୃହ ନିର୍ମାଣରେ ସମସ୍ୟା ହେଉଛି। ଫାଣ୍ଡିରେ ଚାରିଚକିଆ ଯାନ ନ ଥିବାରୁ ପୋଲିସ ପାଟ୍ରୋଲିଂ ହୋଇ ପାରୁନାହିଁ। ଫଳରେ ଛୋଟବଡ ଚୋରି ବୃଦ୍ଧି ପାଉଛି। ତେଣୁ ଫାଣ୍ଡିଟି ସିଂହପୁରକୁ ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ସିଂହପୁର ବଜାର ଏହି ଅଞ୍ଚଳର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ଓ ଯାଜପୁର ଏବଂ କେନ୍ଦ୍ରାପଡ଼ାର ସଂଯୋଗୀକରଣ ସ୍ଥାନ। ଫାଣ୍ଡି ସ୍ଥାନାନ୍ତର ହେଲେ ଚୋରି, ଡକାୟତି ଅପରାଧିଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ସାଧାରଣ ଲୋକେ ଦାବି କରିଛନ୍ତି। ତେଣୁ ଏହି ସବୁ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।




## ସୂର୍ଯ୍ୟାସ୍ତ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ



ସୂର୍ଯ୍ୟାସ୍ତ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୨୭।୧୨(ଡି.ଏନ.ଏ.):

ଧର୍ମଶାଳାରୁ ପ୍ରକାଶ ପାଉଥିବା ସୂର୍ଯ୍ୟାସ୍ତ ପତ୍ରିକାର ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ରିୟାଯୋଗୀ ସ୍ୱାମୀ ସମର୍ପଣାନନ୍ଦ ଗିରି ମହାରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଯୋଗଦେଇଥିବା ବେଳେ ରାଜ୍ୟ ସାମ୍ବାଦିକ ସଂଘ ଏସ୍‌ୟୁଜେର ସଭାପତି କୈଳାସଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଏବଂ ଅନ୍ୟତମ ଅତିଥି ଭାବେ କବି ପ୍ରଭାକର ଶତପଥୀ ଯୋଗଦେଇଥିଲେ। ସମ୍ପାଦକ ବିବେକାନନ୍ଦ ରାୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିଙ୍କଦ୍ୱାରା ସୂର୍ଯ୍ୟାସ୍ତର ସ୍ୱନକ୍ଷତ୍ର ବିଶେଷାଙ୍କ ସମେତ ବିଭିନ୍ନ ଲେଖକଙ୍କ ୬ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ବାର୍ଷିକ ଉତ୍ସବ ଅବସରରେ ୨୦୨୨ ମସିହା ପାଇଁ ହିମାଂଶୁ ଶେଖର ସାହୁ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ଡା. ପ୍ରଶାନ୍ତ ପରିଡ଼ା, ମହେଶ୍ୱର ପାଢ଼ୀ, ପ୍ରମୋଦ ଜେନା, କାହ୍ନୁଚରଣ ସାହୁ, ଡ. ହିମାଦ୍ରୀ ତନୟା ମିଶ୍ର, ଅବିନେଶ୍ୱର ଶତପଥୀ, ଶୁଭେନ୍ଦୁ ମେହେର, ପ୍ରଭାତ ସାହୁ, ଖଗେଶ୍ୱର ସାମଲ, ଅନିଲ ବଳ, ସ୍ୱର୍ଣ୍ଣଲତା ଲେଙ୍କାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂର୍ଯ୍ୟାସ୍ତର ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷା ମିନତି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂର୍ଯ୍ୟାସ୍ତର ବାର୍ତ୍ତା ସମ୍ପାଦିକା ଡ. ସସ୍ମିତା ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନବଘନ ଜେନାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ମଧୁପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୁଶଧର ପଣ୍ଡା, ପରିବେଶବିତ୍ ଗୋପୀନାଥ ପତି ଯୋଗଦାନ କରିଥିଲେ। ସବିତା ମିଶ୍ର, ଗଣେଶ୍ୱର ବେହେରା ଓ ନିନାଦିନୀ ମହାନ୍ତିଙ୍କ ସଂଯୋଜନାରେ ବସନ୍ତ ମିଶ୍ର, ରାମଚନ୍ଦ୍ର ବେହେରା, ଅର୍ଜୁନ ଚରଣ ସାହୁ ଓ ମିନତି ସାହୁ ପ୍ରମୁଖ ବହୁକବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶିକ୍ଷାବିତ୍ ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଶୀତକାଳୀନ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ବରୀ,୨୭।୧୨(ଡି.ଏନ.ଏ.):

ସ୍ଥାନୀୟ କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏକ ସପ୍ତାହ ବ୍ୟାପୀ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେବ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସ୍ଥାନୀୟ ସରପଞ୍ଚ ରଶ୍ମିତା ପରିଡା, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ପ୍ରାକ୍ତନ ସରପଞ୍ଚ ସମୀର ମଲିକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ମହାବିଦ୍ୟାଳୟର ୫୦ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ ପରିବାର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡ. କିଶୋର କୁମାର ସାହୁ, ପ୍ରୋଗ୍ରାମ ଅଫିସର ପ୍ରଣବ କୁମାର ପାତ୍ର ଯୋଗଦେଇ ଶିବିର ବିଷୟରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ଓଭରବ୍ରିଜ୍ ନିର୍ମାଣ ଦାବି ତେଜିଲା

■ ନୂତନ ବର୍ଷଠାରୁ ଆନ୍ଦୋଳନ ଚେତାବନୀ

■ କୋରେଇ ସଂଗ୍ରାମ ସମିତି ବୈଠକରେ ନିଷ୍ପତ୍ତି

ଯାଜପୁର ରୋଡ,୨୭।୧୨(ଡି.ଏନ.ଏ.)

ଯାଜପୁର-କେନ୍ଦୁଝର ରୋଡ ରେଲଷ୍ଟେଶନର ସାଇ ମନ୍ଦିର ନିକଟରେ ପ୍ରସ୍ତାବିତ ଓଭରବ୍ରିଜ କିମ୍ବା ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ନ କଲେ ନୂତନ ବର୍ଷ ଠାରୁ ପର୍ଯ୍ୟାୟ କ୍ରମେ ବ୍ୟାପକ ଆନ୍ଦୋଳନ କରାଯିବ। କୋରେଇ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଯାଜପୁର ରୋଡ ସାପଗାଡ଼ିଆସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସମିତିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର କୋରାଇ ଓ ବ୍ୟାସନଗର ଅଞ୍ଚଳରେ ଦେଖା ଦେଇଥିବା ବିଭିନ୍ନ ଜନସମସ୍ୟା ଉପରେ ଏକ ଚିଠା ପ୍ରସ୍ତାବ ଆଗତ କରିଥିଲେ । ବିଶେଷକରି ବୈତରଣୀ ନଦୀ କୂଳର ବାଲି ଘାଟଗୁଡିକରେ ଲିଜ୍ ଅବଧି ଶେଷ ହୋଇ ଯାଇଥିଲେ ମଧ ବେଆଇନ ବାଲି ଚାଲାଣ ଏବଂ ଏହାର ପଦକ୍ଷେପ ଉପରେ ସ୍ଥାନୀୟ ତହସିଲଦାର ହାତ ବାନ୍ଧି ବସିବା ଆଦି ଘଟଣାକୁ ଦୃଢ ନିନ୍ଦା କରାଯାଇଥିଲା। ତତ୍‌ସହିତ ବ୍ୟାସନଗର ପୌରାଞ୍ଚଳରେ ଅନ୍ୟାୟ ଭାବେ ଘର ଟିକସ ବୃଦ୍ଧି କରିଥିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ନ କଲେ ରାଜ୍ୟ ଆକଳନ ଓ ନଗର ଉନ୍ନୟନ ବିଭାଗ ବିରୋଧରେ ଆଇନର ଆଶ୍ରୟ ନେବା ସହିତ ମିଳିତ କ୍ରିୟାନୁଷ୍ଠାନ କମିଟି ସହିତ ସାମିଲ ହୋଇ ଆନ୍ଦୋଳନକୁ ବ୍ୟାପକ କରିବାକୁ ପ୍ରସ୍ତାବ ହୋଇଥିଲା। କୋରାଇ ରେଳ ଷ୍ଟେଶନଠାରେ ଦୀର୍ଘ ଦିନଧରି ରହିଆସୁଥିବା ହାଇଦ୍ରାବାଦ୍ ଏକ୍ସପ୍ରେସର ରହଣୀ ସହିତ ପ୍ରସ୍ତାବିତ ଯାଜପୁରରୋଡଠାରେ ଓଭରବ୍ରିଜ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକ କାର୍ଯ୍ୟ ଆରମ୍ଭ ନ କଲେ ନୂତନ ବର୍ଷ ଠାରୁ ପର୍ଯ୍ୟାୟକ୍ରମେ ମିଳିତ ଭାବେ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ବୈଠକରେ ସିଦ୍ଧାନ୍ତ ନିଆଯାଇଛି । ଏହି ସମିତିରେ ବରିଷ୍ଠ ଖବରଦାତା ନିତ୍ୟାନନ୍ଦ ମହାଲିକ ଓ ସାମାଜିକ କର୍ମୀ କୁଞ୍ଜବିହାରୀ ମହାନ୍ତିଙ୍କ ଯୋଗଦାନକୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ମହାନ୍ତି, ପଦ୍ମନାଭ ନାୟକ, ପବିତ୍ର ରଞ୍ଜନ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ରାମଚନ୍ଦ୍ର ମାଝି, ବିଦ୍ୟାଧର ଜେନା, ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


କୋରେଇ ସଂଗ୍ରାମ ସମିତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ୟଙ୍ଗ ଷ୍ଟାର କ୍ଲବ୍ କ୍ରିକେଟ: ସେମିରେ ବାଲେଶ୍ୱର

ବ୍ରହ୍ମବରଦା,୨୭।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ହାଜିରହିମିଆଁ ଖେଳପଡ଼ିଆଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲୁଥିବା ଆନ୍ତଃରାଜ୍ୟ ଚତୁର୍ଥ କ୍ୱାର୍ଟର ଫାଇନାଲ ଟୁର୍ନାମେଣ୍ଟରେ ଚରମ୍ପା ଏକାଡେମୀ ଭଦ୍ରକକୁ ହରାଇ ଆଦର୍ଶ କ୍ରିକେଟ୍ କ୍ଲବ ବାଲେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ମ୍ୟାଚ୍‌ରେ ଚରମ୍ପା ଏକାଡେମୀ ଭଦ୍ରକ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରୁ ଦଳ ୨୩.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୯ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଜ୍ୟୋତିରଞ୍ଜନ ମହାପାତ୍ର ୩୩ବଲ ଖେଳି ସର୍ବାଧିକ ୪୪ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ସୁକାନ୍ତ ମାହାନ୍ତି ୪ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଅକ୍ତିୟାର କରିଥିଲେ। ଆଦର୍ଶ କ୍ରିକେଟ୍ କ୍ଲବ୍ ବାଲେଶ୍ୱର ନିର୍ଦ୍ଧାରିତ ୨୫ ଓଭରରୁ ୧୯.୩ ଓଭର ଖେଳି ବିଜୟୀ ହୋଇଥିଲା। ଦଳ ତରଫରୁ ରାଜୀବ ସାହୁ ୫୮ ବଲରେ ୭୭ରନ କରିଥିବାରୁ ତାଙ୍କୁ ମ୍ୟାନ-ଅଫଦି-ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଓସିଏ ପ୍ୟାନେଲର ଅମ୍ପାୟାର ଦେବରାଜ ମିଶ୍ର ଓ ସୁବ୍ରତ ଜେନା ଖେଳକୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବିରେଶ ମାହାନ୍ତି ଓ ଅମିୟକାନ୍ତ ପରିଡ଼ା, ସ୍କୋରର ଭାବେ ବିଭୁପ୍ରସାଦ ମଣ୍ଡଳ, ରାଜେଶ ଦେଓ ଓ ସୁମନ ବେହେରା ଦାୟିତ୍ୱ ତୁଲାଇଥିଲେ। କ୍ଲବ୍ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, କୋଷାଧ୍ୟକ୍ଷ ଉଦୟଭାନୁ ଦେଓ, ଦିନବନ୍ଧୁ ରାଉତ, ବୀରକିଶୋର ରାଉତ, ଜିତେନ୍ଦ୍ର ରାଉତ, ଜିତେନ୍ଦ୍ର ବେହେରା ଓ ସ୍ମିତିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଠିକା ସଂସ୍ଥାକୁ ବର୍ଷେ, କର୍ମଚାରୀଙ୍କୁ ତଦୂର୍ଦ୍ଧ୍ୱ

ପାରାଦୀପ, ୨୭।୧୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାରେ ଥିବା ଯୁବତୀଯୁବକମାନେ ଚାକିରି ପାଇଁ ଜିଲା ବାହାରକୁ ଯାଇ ଆବେଦନ କରୁଛନ୍ତି। ହେଲେ ଜିଲାରେ ଥିବା ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ) ଠିକା କର୍ମଚାରୀଙ୍କୁ ନେଇ କାମ ଚଳାଇଛି ବୋଲି ବେକାର ଯୁବତୀଯୁବକମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ଇଞ୍ଜିନିୟରିଂ ପାଠ ପଢି ବେକାର ହୋଇ ବସିଥିବା ପ୍ରଭାତ କୁମାର ସ୍ୱାଇଁ କୁହନ୍ତି, ପିଡିଏ ଠିକା କର୍ମଚାରୀଙ୍କୁ ନେଇ ତା'ର କାମ ଚଳାଇଛି। ହେଲେ ଚାକିରି ନ ପାଇ ବେକାର ଯୁବତୀଯୁବକମାନେ ରୋଜଗାର ନିମନ୍ତେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଏବେ ପିଡିଏରେ ୧୩ଜଣ କର୍ମଚାରୀ ଅଛନ୍ତି। ସେଥିରେ ୫ ଜଣ ରେଗୁଲାର ଥିବା ବେଳେ ୮ ଜଣ ଆଉଟସୋର୍ସିଂ (ଠିକା କର୍ମଚାରୀ) ବର୍ଷିକିଆ ନିଯୁକ୍ତି ପାଇଛନ୍ତି। ଆଉଟସୋର୍ସିଂ ନେଇଥିବା କମ୍ପାନୀ ଭୁବନେଶ୍ୱର ଅଞ୍ଚଳର। ଉକ୍ତ ସଂସ୍ଥାର ବର୍ଷିକିଆ ଅବଧି ନଭେମ୍ବର ମାସରୁ ଶେଷ ହୋଇ ସାରିଲାଣି। କିନ୍ତୁ ଠିକା କର୍ମଚାରୀ ଡିସେମ୍ବର ମାସରେ କାମ କରୁଛନ୍ତି। ଅର୍ଥାତ ୧ ବର୍ଷ ୧ ମାସ କାମ କଲେଣି ବୋଲି ଖୋଦ ପିଡିଏ ଅଫିସ ଲିଖିତ ଭାବେ ଉତ୍ତର ଦେଇଛି। ଜନ ସୂଚନା ଆଇନ ଜରିଆରେ ପିଡିଏ ଅଫିସର ଠିକା ସଂସ୍ଥା ଓ କର୍ମଚାରୀଙ୍କ ସମ୍ପର୍କରେ କେତେକ ପ୍ରଶ୍ନ ଲିଖିତ ଭାବେ ଜଣାଇବାକୁ ଖବରଦାତା ଶରତ କୁମାର ରାଉତ ଆବେଦନ କରିଥିଲେ। କେଉଁ ସଂସ୍ଥା କେତେବର୍ଷ ପାଇଁ ଆଉଟସୋର୍ସିଂ କାମ ପାଇଛି, କେତେଜଣ କର୍ମଚାରୀ ଅଛନ୍ତି, ସେମାନଙ୍କ ପାଇଁ କେତେ ଟଙ୍କା ମାସିକ ବେତନ ବାବଦରେ ଯାଉଛି, ସେମାନେ କେଉଁ କାମ କରୁଛନ୍ତି, କେତେ ବର୍ଷ ରହିଲେଣି ଆଦି ବିଷୟରେ ପ୍ରଶ୍ନ ଥିଲା।



OFFICE OF THE PARADIP DEVELOPMENT AUTHORITY
2nd FLOOR OF THE PARADIP MUNICIPALITY OFFICE, PARADIP

No 481 /PDAP.,dt.-23.12.22

From

P.I.O.,
Paradip Development Authority,
Paradip.

To

Sri Sarat Kumar Rout,
Nuabazar,
Qr.No.NA/168,
Paradip
Dist.- Jagatsinghpur
Pin- 754142.

Sub:- Supply of information under R.T.I. Act.

Ref:- Your application dt. 23.11.2022.

Sir,

With reference to the subject cited above, I am enclosing herewith necessary information under RTI Act'2005.

Encl:- Above.

Yours faithfully

23.12.22

for P.I.O.,Paradip Development Authority
Paradip
Public Information Officer
Paradip Development Authority

ଜନ ସୂଚନା ଅଧିକାର ଆଇନ ବଳରେ ପିଡିଏ ପକ୍ଷରୁ ଦିଆଯାଇଥିବା ଚିଠି।

### ପିଡିଏର ଠିକା କର୍ମଚାରୀ ନିଯୁକ୍ତି ଘଟଣା

ଏ ସମ୍ପର୍କରେ ପିଡିଏ ଅଫିସ ପକ୍ଷରୁ ଡିସେମ୍ବର ୨୩ରେ ବରିଷ୍ଠ ସହାୟକ ସୁଶାନ୍ତ ମହାପାତ୍ର ଦେଇଥିବା ତଥ୍ୟ ଚିଠି ନଂ. ୪୮୧ରେ ତଥ୍ୟରେ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱର ଜଗନ୍ନାଥପୁର ଅଞ୍ଚଳର ଶ୍ରୀସଲୁସନ ଆଣ୍ଡ ସର୍ଭିସକୁ ଆଉଟସୋର୍ସିଂ ପାଇଁ ଏକ ବର୍ଷ ପାଇଁ କାମ ଦିଆଯାଇଛି। ୮ ଜଣ କର୍ମଚାରୀ ଏହି ସଂସ୍ଥା ପିଡିଏରେ କାମ କରୁଛନ୍ତି। ଉକ୍ତ ସଂସ୍ଥା ଯେତେବେଳେ ଚାହିଁବ ସେତେବେଳେ କର୍ମଚାରୀ ଅଦଳବଦଳ କରି ପାରିବ। ସେଥିପାଇଁ ସେମାନଙ୍କ ଦରମା ବାବଦରେ ମାସିକ ୧ ଲକ୍ଷ ୩୬,୧୭୯ ଟଙ୍କା ଦିଆଯାଉଛି। ଉକ୍ତ ୮ଜଣ କର୍ମଚାରୀ ୧ ବର୍ଷ ୧ ମାସ ରହିଲେଣି ବୋଲି ଦର୍ଶାଇଛନ୍ତି। ଉକ୍ତ ତଥ୍ୟରୁ ଜଣାପଡିଛି ଯେ, ଠିକାସଂସ୍ଥାକୁ ବର୍ଷେ ଓ କର୍ମଚାରୀଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ରଖା ଯାଇଛି। ସେହିପରି ୫ ଜଣ ରେଗୁଲାର କର୍ମଚାରୀଙ୍କ ମଧ୍ୟରେ ଜଣେ ବରିଷ୍ଠ ସହାୟକ, କ୍ଷିପ୍ର ଲେଖକ, ଡାଏରିଷ୍ଟ, ଡ୍ରାଇଭର ଓ ଚପରାସୀ ଅଛନ୍ତି।

## ୧୭ ବର୍ଷ ହେଲା ଫାଙ୍କା ପଡ଼ିଛି ୮.୮୦ ଏକର ଜାଗା

■ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ
■ ଅଫିସ ଚାଲିଛି ପୌର କାର୍ଯ୍ୟାଳୟ

ପାରାଦୀପଠାରୁ ରାହାମାର ଚାନ୍ଦପୁର ପର୍ଯ୍ୟନ୍ତ ୧୨୦ ରାଜସ୍ୱ ଗ୍ରାମକୁ ନେଇ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ)ଗଠିତ। ଏନେଇ ବର୍ଷକୁ ରାଜସ୍ୱ ବାବଦରେ ୧ କୋଟି ୩୧ଲକ୍ଷ ୨୨ହଜାର ୩୫୩ ଟଙ୍କା ପିଡିଏ ପାଉଛି। ଏଥିରେ ୧୩ ଜଣ କର୍ମଚାରୀ କାମ କରୁଥିଲେ ମଧ ତାର ନିଜସ୍ୱ କାର୍ଯାଳୟ ନାହିଁ। ପୌର ପ୍ରଶାସନିକ ଭବନର ଉପର ମହଲାରେ ଏହା ଚାଲିଛି। ପିଡିଏର ୮ ଏକର ୮୦ ଡେସିମିଲ ଜାଗା ୨୮ ବର୍ଷ ହେବ ଫାଙ୍କା ପଡିଛି। ସେଠାରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ଜାଗା ହେଲା ମଧୁବନ ଜଗନ୍ନାଥ ମନ୍ଦିର ପାଖ ଷଣ୍ଢକୁଦ ମୌଜା। ଏହି ଜାଗା ପାଇଁ ୨୦୦୨ ମାର୍ଚ୍ଚରେ କୁଜଙ୍ଗ ତହସିଲ ଅଫିସରେ ୨୮ ଲକ୍ଷ ୮୬ ହଜାର ଟଙ୍କା ଜମା କରି ପିଡିଏ ତା ଅଧୀନକୁ ନେଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେହି ଜାଗାରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇନାହିଁ। ସେହିପରି ସମୁଦ୍ର ବେଳାଭୂମି ରାସ୍ତା ପାଖରେ ଥିବା ପିଡିଏ ଜାଗା ଏବେ ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ରହିଛି। ପୂର୍ବରୁ ସେଠାରେ ରାଜ୍ୟ ସରକାରଙ୍କ ୪୦ ଏକର ଜାଗା ଥିଲା। ସେଥିରୁ ୧୦ ଏକର ଜାଗା ପ୍ରଥମେ ପୋସ୍କୋ ନେଇଥିଲା। ଏବେ ସେଠାରେ ଜେଏସଡବ୍ଲ୍ୟୁ କମ୍ପାନୀ ତା'ର ମୁଖ୍ୟ କାର୍ଯ୍ୟାଳୟ କରିଛି। ବଳକା ୩୦ ଏକର ଜାଗାରେ ହାଉସିଂବୋର୍ଡ ଗୃହ, ଜଗନ୍ନାଥ ମନ୍ଦିର, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଆବାସ, ପୌରପାଳିକାର ଶିଶୁ ଉଦ୍ୟାନ, କଲ୍ୟାଣ ମଣ୍ଡପ ଆଦି କରାଯାଇଛି। ପିଡିଏର ଜାଗା ନିକଟରେ ଥିବା ୨୩୪ ଏକର ଜାଗାରେ ଏନ୍‌ଆର୍‌ଏଲ କମ୍ପାନୀ ରିଫାଇନେରୀ କରିବାକୁ ଯାଉଛି। ମାତ୍ର ପିଡିଏର ଜାଗା ଖୋଲା ପଡିଛି। ଏ ସମ୍ପର୍କରେ ଜନ ସୂଚନା ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। ପିଡିଏ ପକ୍ଷରୁ ଗତ ୨୩ ତାରିଖରେ ଚିଠି ନଂ. ୪୮୧ରେ ମିଳିଥିବା ସୂଚନା ଅନୁସାରେ ତାହା ଆବଦ୍ଧ ହୋଇ ରହିଛି ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ, ୧୯୯୪ ମସିହାରେ ପ୍ରଥମେ ପିଜେଆର୍‌ଆଇଟି (ପାରାଦୀପ-ଜଗତ୍‌ସିଂହପୁର ରିଜିଓନାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ) ହୋଇଥିଲା। ଏହା ୧୧ବର୍ଷ ଚାଲିବା ପରେ ୨୦୦୫ରେ ପିଡିଏ ମାନ୍ୟତା ପାଇଁ ପାଇଥିଲା। ମାତ୍ର ମାନ୍ୟତା ପାଇବାର ୧୭ ବର୍ଷ ହେଲା ପିଡିଏ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।



ପିଡିଏର ଖାଲି ପଡ଼ିଥିବା ଜାଗା ଜଙ୍ଗଲିଆ ହୋଇ ରହିଛି।

ପିଡିଏର ନିଜସ୍ୱ ଗାଡି ନ ଥିଲା ବେଳେ ରେଗୁଲାର ଡ୍ରାଇଭର ଡେପୁଟେଶନରେ ଅନ୍ୟ ଜାଗାରେ କାମ କରୁଛନ୍ତି ବୋଲି ସୂଚନା ମିଳିଛି। ପିଡିଏର ରାଜସ୍ୱ ସଂଗ୍ରହ ଉତ୍ସ ହେଲା ପାରାଦୀପଠାରୁ ରାହାମା ଚାନ୍ଦପୁର ପର୍ଯ୍ୟନ୍ତ ମୌଜା। ସେହି ଅଞ୍ଚଳର ଜମି କିଣାବିକା ବାବଦରେ ଷ୍ଟାମ୍ପ ଡ୍ୟୁଟି ବାବଦରେ ୨% ଅର୍ଥ, ମାର୍କେଟ କମ୍ପ୍ଲେକ୍ସ ଭଡ଼ା, ବିଲ୍ଡିଂ ପରମିଶନ ଓ ଓଏଲଆର କେସ୍‌ରୁ ୨୦୨୧/୨୨ ଆର୍ଥିକ ବର୍ଷରେ ୧ କୋଟି ୩୧,୨୨,୩୫୩ ଟଙ୍କା ପାଇଛି। ସମାନ ବର୍ଷରେ ଖର୍ଚ୍ଚ ୫୧ଲକ୍ଷ ୯୨,୦୪୨ ଟଙ୍କା ଖର୍ଚ୍ଚ ହୋଇଛି। କେତେବେଳେ ଅଫିସ ଖୋଲେ କିମ୍ବା ବନ୍ଦ ହୁଏ ତାହା ସହଜେ ଜଣାପଡେ ନାହିଁ। ପିଡିଏ ଅଧୀନରେ ଥିବା କୁଜଙ୍ଗ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିରୁଜି ଗଲାଣି। ନିମିଡିରେ ଥିବା ପ୍ଲଟର ରାସ୍ତା ଡ୍ରେନ ହେଉ ନ ଥିବାରୁ ସେଠାରେ ପ୍ରାୟତଃ ପ୍ରତିବାଦ କରାଯାଉଛି। ଏମିତି ସ୍ଥିତିରେ ପିଡିଏର ସ୍ଥାଣୁତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭଙ୍ଗା ଲୁହା, ଟିଣ ବେପାରରେ ସ୍ୱାବଲମ୍ବୀ ପୀତବାସ

ଛତିଆ,୨୭।୧୨(ଡି.ଏନ.ଏ.):

### ଇଚ୍ଛାଶକ୍ତି ଆଗରେ ହାର ମାନିଛି ପରିଣତ ବୟସ

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ପରିଣତ ବୟସ। ଆଳସ୍ୟ ଜୀବନ ବିତାଉଥିବା ବ୍ୟକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସାହ ସାଜିଛନ୍ତି ୭୫ ବର୍ଷୀୟ ପୀତବାସ ଦଳେଇ। ସେ ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଅଞ୍ଚଳରେ ଖଣ୍ଡିଏ ଦଦରା ସାଇକେଲ ଧରି ପ୍ରତିଦିନ ଘରକୁ ଘର ବୁଲି ଭଙ୍ଗା ଲୁହା, ଟିଣ କିଣି ବେପାର କରୁଛନ୍ତି। ଚମ ଧୁଡୁ ଧୁଡୁ ଚେହେରା। ଅଣ୍ଟା ନଇଁ ଗଲାଣି। ହେଲେ ଖରା, ବର୍ଷା ଓ ଶୀତକୁ ଖାତିରି ନ କରି ସ୍ୱାବଲମ୍ବୀ ପୀତବାସ ବେପାର କରି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଦୀର୍ଘ ବର୍ଷ ଧରି ଛତିଆ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଉକ୍ତ ବୃଦ୍ଧଙ୍କ ନିଜ ଘର କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରି ପଞ୍ଚାୟତର ବୋତଲମା ଗ୍ରାମରେ।



ପୀତବାସ ଦଳେଇ

ପରିବାର କହିଲେ ସ୍ତ୍ରୀ, ୩ ଝିଅ ଓ ଦୁଇ ପୁଅ। ସଭିଙ୍କ ବିବାହ ସରିଛି। ପୀତବାସ ସୁଉଚ୍ଚ ଗଳାରେ ଭଙ୍ଗା ଲୁହା, ଟିଣ ଡାକ ଡାକି ସଭିଙ୍କୁ ଆକର୍ଷିତ କରି ବେପାର କରୁଥିବା ଦେଖିବାକୁ ମିଳେ। ଥକ୍କା ପଣ ତାଙ୍କଠାରେ ଦେଖିବାକୁ ମିଳେନି। ଏ ସମ୍ପର୍କରେ ତାଙ୍କୁ ପଚାରିବାରେ ସେ କୁହନ୍ତି, ଚାଳିଶ ବର୍ଷ ହେବ ଏହି ବୃତ୍ତି କରୁଛି। କାହା ଉପରେ ବୋଝ ହୋଇନାହିଁ। ଏହି ବୃତ୍ତି କରି ସ୍ୱାଭିମାନ ସହିତ ଜୀବନ ବିତାଇ ବେଶ ଆନନ୍ଦ ପାଉଛି। ହାତ ଗୋଡ଼ ଚାଲୁ ଥିବା ଯାଏ ଏହି କାର୍ଯ୍ୟ କରୁଥିବି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଦୁଃଖ କଷ୍ଟେ ଚଳିଯାଏ।

# ବଡ଼ଚଣାରେ ବଢୁଛି ହାତୀ ଉପଦ୍ରବ

ଛତିଆ,୨୭।୧୨(ଡି.ଏନ.ଏ.):

ବଢୁଛି ହାତୀ ଉପଦ୍ରବ। ଦିନକୁ ଦିନ ଆତଙ୍କିତ ଅବସ୍ଥାରେ ଜନସାଧାରଣ। ବନ ବିଭାଗ ଅପାରଗତା ପାଇଁ ଜନବସତି ମୁହାଁ ହେଉଛନ୍ତି ଗଜରାଜ। ଯାଜପୁର ଜିଲା ବୈରୀ ବନ ବିଭାଗ ଅଧୀନ ପାରିଆ, ସମିଆ, ସୋଲର ଓ ବୈରୀ ପଞ୍ଚାୟତ ସମେତ ପଶ୍ଚିମ ବଡ଼ଚଣାର ବିଭିନ୍ନ ଗ୍ରାମରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧାନ ଅମଳ ହେଉଥିବାରୁ ହାତୀପଲ କ୍ଷେତରେ ପସି କ୍ଷତି କରୁଥିବା ଦେଖିବାକୁ ମିଳୁଛି। ପାରିଆ ପଞ୍ଚାୟତର ବରୁଣିଆ ଗ୍ରାମରେ ସୋମବାର ଗୋଟିଏ ହାତୀ ଏକ ଦୋକାନ ନିକଟକୁ ଯାଇ ଭଙ୍ଗାରୁଜା କରିଥିଲା। ଏହାଦେଖି ଦୋକାନୀ ସେଠାରୁ ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେଣୁ ବନ ବିଭାଗ ତୁରନ୍ତ ହାତୀ ଘଉଡ଼ାଇବାକୁ ଦାବି ହୋଇଛି।



ରାସ୍ତା କଡ଼ରେ ଥିବା ଏକ ଦୋକାନ ସମ୍ମୁଖରେ ହାତୀ।

# ଜାନୁୟାରୀ ୩ରେ ପାରାଦୀପ ମାରାଥନ

ପାରାଦୀପ, ୨୭।୧୨(ସ୍ୱ.ପ୍ର.)

ଆସନ୍ତା ଜାନୁୟାରୀ ୩ରେ ପାରାଦୀପ ବନ୍ଦରର ୬୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସବୁବର୍ଷ ପରି ପାରାଦୀପ ମାରାଥନ କରାଯିବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ମାରାଥନରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଧାବିକାଧାବକମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଓ ଆବେଦନ ଫର୍ମ ଜାରି କରାଯାଇଛି। ଏହି ମାରାଥନ ବନ୍ଦର ୫ ନଂ. ଗେଟ୍‌ର ହନୁମାନ ମନ୍ଦିର ପାଖରୁ ଆରମ୍ଭ ହୋଇ ୧୪ କିମି ଅତିକ୍ରମ କରି ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଶେଷ ହେବ। ଏଥିପାଇଁ ୨ଘଣ୍ଟା ସମୟ ରହିଛି। ୧୮ରୁ ୪୦ ବର୍ଷର ମହିଳାପୁରୁଷ ଏଥିରେ ଭାଗ ନେଇ ପାରିବେ ବୋଲି ଦର୍ଶାଯାଇଛି। ଏଥିପାଇଁ ସରକାରୀ ପରିଚୟପତ୍ର, ମେଡ଼ିକାଲ ଫିଟନେସ୍ ସାର୍ଟିଫିକେଟ ଆଦି ବାଞ୍ଛନୀୟ। ଏତ୍‌ଦ୍‌ବ୍ୟତୀତ ଏଣ୍ଟ୍ରି ଫି ବାବଦ ମହିଳାଙ୍କ ପାଇଁ ୩୦ ଟଙ୍କା ଓ ପୁରୁଷ ପାଇଁ ୫୦ ଟଙ୍କା ରଖାଯାଇଛି। ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୋଷାକ ଦିଆଯିବ। ଏଥିରେ ବିଜେତାଙ୍କ ପାଇଁ ଆର୍ଥିକ ପୁରସ୍କାର ରହିଛି। ପ୍ରଥମରୁ ଷଷ୍ଠ ସ୍ଥାନ ପର୍ଯ୍ୟନ୍ତ ଜିତିଥିବା ପ୍ରତିଯୋଗୀଙ୍କ ପାଇଁ ଯଥାକ୍ରମେ ୧୪ ହଜାର,୧୦.୫୦୦, ୭୦୦୦, ୩୦୦୦, ୧୫୦୦, ୧୦୦୦ଟଙ୍କା ପୁରସ୍କାର ରହିଛି। ଏଥିରେ ରାଜ୍ୟର ସବୁ ଜିଲାର ପ୍ରତିଯୋଗୀ ଭାଗ ନେଇ ପାରିବେ।

# ଅଜୟ ସାର୍ ଥିଲେ ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣାର ଉତ୍ସ

ରଘୁନାଥପୁର,୨୭।୧୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ଅଧ୍ୟକ୍ଷ ସ୍ଥାନୀୟ ହରିଶପୁର ଗାଁର ଅଜୟ କୁମାର ଦାସଙ୍କ ବିୟୋଗ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ମଙ୍ଗଳବାର ଦ୍ୱାଦଶାହ ତିଥିରେ ତାରପୁରସ୍ଥିତ ମା' ନାରାୟଣୀ ମନ୍ଦିର ପରିସରରେ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ନେଇ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଅଜୟ ସାର ଜଣେ ନିଷ୍କପଟ ତଥା ଅଶେଷ ପ୍ରତିଭାର ଅଧିକାରୀ ଥିଲେ।

ରେଢୁଆ ବିସି କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ସଭାକୁ ସଞ୍ଚାଳନ କରିଥିଲେ। ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିବା ଅଜୟ ସାର ଅଞ୍ଚଳବାସୀଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ ବୋଲି ଅଧ୍ୟକ୍ଷ ପଣ୍ଡା କହିଥିଲେ। ସେହିପରି ଗ୍ରାମ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶାଠାରୁ ଆରମ୍ଭ କରି ବହୁ ଅନୁଷ୍ଠାନ ସହ ଜଡିତ ଥିବା ବ୍ୟକ୍ତିତ୍ୱ ଅଜୟ ସାରଙ୍କ ଅବଦାନ ଅପୂରଣୀୟ ହୋଇ ରହିବ ବୋଲି ବିଶିଷ୍ଟ ଶିକ୍ଷାବିତ୍ ଯଦୁନାଥ ଜେନା ସ୍ମୃତି ଚାରଣ କରି କହିଥିଲେ। ଚାକିରିରୁ ଅବସର ପରେ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ସଭାସମିତି କିମ୍ବା ସାମାଜିକ ଅନୁଷ୍ଠାନରେ ଖୋଜା ପଡୁଥିବା ଅଜୟ ସାର। ତାଙ୍କ ଅନୁପସ୍ଥିତ ସ୍ପଷ୍ଟ ବାରି ହେବ ବୋଲି ଶିକ୍ଷାବିତ୍ ବିଳାସ ଚନ୍ଦ୍ର ସାହୁ କହିଥିଲେ। ଡା ଯୁଧିଷ୍ଠିର ବିଶ୍ୱାଳ, ଅଭୟ କୁମାର ଦାଶ, ଅଜୟ କୁମାର ଦାଶ ଓ ହେମନ୍ତ ସାହୁଙ୍କ ସହ ଉପସ୍ଥିତ ବୁଦ୍ଧିଜୀବୀମାନେ ପ୍ରିୟ ଅଜୟ ସାରଙ୍କ ଜୀବନ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ପ୍ରାରମ୍ଭରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ପଣ୍ଡା ମନ୍ତ୍ରପାଠ ଉଚ୍ଚାରଣ କରି ସଭା ଶେଷ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ଅଜୟ ସାରଙ୍କ ଉଦ୍ଦେଶ୍ୟରେ ବିଶେଷ ସଭାର ଆୟୋଜନ କରାଯାଇଥିଲା।

# ପୁଣି ଚାଉଳ ହଡ଼ପ ଅଭିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୭।୧୨(ଡି.ଏନ୍.ଏ.):

ବଡ଼ଚଣା ବ୍ଲକ ଅଧୀନରେ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ଓ ସାଧାରଣ ଲୋକଙ୍କୁ ଦିଆଯାଉଥିବା ଚାଉଳ ହଡ଼ପ ନେଇ ବିଭାଗ ତରଫରୁ ନଭେମ୍ବର ୧୦ରେ ୬ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ବିଡିଓ ଏଥିନେଇ ଉଲ୍ଲେଖ କରିଥିଲେ କି ପିଓଏସ୍ ମେଶିନ୍ ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ଚାଉଳ ଓ ଗହମ ବଣ୍ଟନ କରାଯିବା କଥା। ତେବେ ୬ ରିଟେଲର ଏହି ନିର୍ଦ୍ଦେଶନାମାକୁ ନମାନି ଅଫଲାଇନ୍‌ରେ ବଣ୍ଟନ କରିଥିବା ହେତୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତେବେ ବିଡିଓଙ୍କ ବଦଳି ପରେ ଏହା ଫାଇଲ ମଧ୍ୟରେ ଚାପି ହୋଇଯାଇଛି। ଗତ ୨୨ତାରିଖରେ ଏନେଇ ପୁନଃର୍ବାର ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର ରିଟେଲର ହୃଷୀକେଶ ଦାସ ୭ ହିତାଧିକାରୀଙ୍କ ଚାଉଳ ବର୍ଷବର୍ଷ ଧରି ହଡ଼ପ କରି ଚାଲିଛନ୍ତି। ସେମାନଙ୍କର ନାମ ନାହିଁ ବୋଲି କହି ସେମାନଙ୍କୁ ଚାଉଳ ଦିଆଯାଉ ନାହିଁ। ଚାରିନଙ୍ଗଳ ଗ୍ରାମର ଜୟରୁନ୍ ବିବି, ଜରିନା ଖାନ, ଅନୱାରି ବେଗମ, ନୁର୍ ଅଏସା, ମାମିନା ବିବି, ଭାନୁମତି ଦେଇ ଓ ସବିତା ବେହେରାଙ୍କ କ୍ରମିକ ସଂଖ୍ୟା ରହିଥିବାବେଳେ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ରହିଥିଲେ ମଧ ସେମାନଙ୍କୁ ଚାଉଳ ଦିଆଯାଉନାହିଁ। କେବଳ ଏତିକି ନୁହେଁ ୬୦ରୁ ୭୦କାର୍ଡକୁ ଜାଲ କରି ଅଫଲାଇନ୍ ମାଧ୍ୟମରେ ସାମଗ୍ରୀ ଉଠାଣ କରି ହଡ଼ପ କରାଯାଉଛି। ସରକାରଙ୍କ ନିୟମ ଅନୁଯାୟୀ ଅନ୍‌ଲାଇନ ମାଧ୍ୟମରେ ଫିଙ୍ଗର ପ୍ରିଣ୍ଟ ନେଇ ଚାଉଳ ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ହଡ଼ପ କରିବା ପାଇଁ କେତେକ ରିଟେଲର ଅଫଲାଇନ୍‌ର ବାଟ ବାଛି ନେଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସେକ୍ ସଲାଉଦ୍ଦିନ୍‌ଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ପାଇଛୁ। ଖୁବଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମ୍ପୃକ୍ତ ରିଟେଲରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ପାନୀୟଜଳ, ବିଦ୍ୟୁତ୍, ଭତ୍ତାକୁ ଗୁରୁତ୍ୱାରୋପ

ଟିର୍ତ୍ତୋଲ, ୨୭।୧୨(ଡି.ଏନ.ଏ.)

ଟିର୍ତ୍ତୋଲ ପଞ୍ଚାୟତ ସମିତି ସଭାଗୃହ ପରିସରରେ ମଙ୍ଗଳବାର ସମିତିର ଦ୍ୱିତୀୟ ସାଧାରଣ ଅଧିବେଶନ ସମିତିର ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଟିର୍ତ୍ତୋଲ ତହସିଲଦାର ଅମୂଲ୍ୟ କୁମାର ସାହୁ, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଶୁଭଜ୍ୟୋତି ମହାନ୍ତି, ଜିଲା ପରିଷଦ ସଭ୍ୟ ୩ ନଂ. ଜୋନ ସୁନୀଲ କୁମାର ବେହେରା, ଜିଲାପରିଷଦ ସଭ୍ୟ ୧ନଂ. ଜୋନ ରଞ୍ଜିତା ସିଂ, ଏବିଡିଓ ସତ୍ୟଜିତ ସ୍ୱାଇଁ, ଜିପିଓ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଅଟଳ ବିହାରୀ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନରେ ବିଳମ୍ବକୁ ନେଇ ସରଗରମ ଆଲୋଚନା ହୋଇଥିଲା। ପଞ୍ଚାୟତ ଗୁଡିକର ସମିତିସଭ୍ୟମାନେ ବିତର୍କରେ ଅଂଶଗ୍ରହଣ କରିଥିଲେ।




ସମିତିର ସାଧାରଣ ଅଧିବେଶନରେ ଉପସ୍ଥିତ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ଅନ୍ୟମାନେ।

### ଟିର୍ତ୍ତୋଲ ପଞ୍ଚାୟତ ସମିତିର ଦ୍ୱିତୀୟ ସାଧାରଣ ଅଧିବେଶନ

ଗୋବିନ୍ଦପୁର ସମିତି ସଭ୍ୟ ଦେବପ୍ରସାଦ ନାୟକ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନରେ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିର୍ବାଚିତ ପ୍ରତିନିଧିମାନଙ୍କର ଏ ବାବଦରେ କୌଣସି ସୂଚନା ଦେଉ ନ ଥିବା ସେ ଅଭିଯୋଗ କରିଥିଲେ। ଏଥିସହ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସାସେବା ଠିକ୍ ଭାବେ ଗାଈଗୋରୁଙ୍କୁ ମିଳୁ ନ ଥିବା ସେ ଅଭିଯୋଗ କରିଥିଲେ। ଜଡତିରା ସରପଞ୍ଚ ଶିବପ୍ରସାଦ ସାହୁ ବସୁଧା ଯୋଜନାରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରାଯାଇଥିଲେ ମଧ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବିପର୍ଯ୍ୟସ୍ତ ହୋଇପଡିଛି। ବହୁ ସ୍ଥାନରେ ପାଇପ ଫାଟି ଯାଇ ପାଣି ନିର୍ଗତ ହେଉଛି। ଫଳରେ ଜନସାଧାରଣ ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। କନିମୂଳ ସମିତିସଭ୍ୟ ବସନ୍ତ ମହାପାତ୍ର, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ ନାୟକ, ଗୋପାଳପୁର ସରପଞ୍ଚ ରଶ୍ମିରଞ୍ଜନ ଦାଶ, ମୁଳିସିଂ ସରପଞ୍ଚ ସାଫି ଆଜମଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପ୍ରଶ୍ନଗୁଡିକ ଉତ୍ତର ରଖିଥିଲେ।

## ସଂକ୍ଷେପରେ

### ବାରୁଡ଼ା ଲଙ୍କେଶ୍ୱରୀ ମନ୍ଦିର ବାର୍ଷିକୋତ୍ସବ

ଭଞ୍ଜନଗର,୨୭।୧୨(ଡି.ଏନ.ଏ.)- ଭଞ୍ଜନଗର ବ୍ଲକ ବାରୁଡ଼ା ଲଙ୍କେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ମଙ୍ଗଳବାର ଦିନତମାମ ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଯୁବକ ସଂଘ କର୍ମକର୍ତ୍ତା, ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ଗାଡ଼ି ଧକ୍କାରେ ଅଣ୍ଡିରା କୃଷ୍ଣସାର ମୃତ



ଆସିକା,୨୭।୧୨(ଡି.ଏନ.ଏ): ଆସିକା- କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର କଲେଜ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ କୌଣସି ଏକ ଗାଡି ଧକ୍କାରେ ଗୋଟିଏ ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି । ପ୍ରାୟ ୩ ଫୁଟ ଉଚ୍ଚତା ୪ ଫୁଟ ଲମ୍ବ ଓ ୨ ଫୁଟ ଲେଖାଏ ଶିଙ୍ଗ ଥିବା ଏହି କୃଷ୍ଣସାରର ବୟସ ୫ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ମୃତ କୃଷ୍ଣସାରକୁ ବ୍ୟବଚ୍ଛେଦ ପରେ ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହାକୁ ମିଶାଇ ଚଳିତ ମାସରେ ଏଭଳି ଦୁର୍ଘଟଣାରେ ୨ଟି କୃଷ୍ଣସାର ମୃତ୍ୟୁ ହେଲାଣି ।

### ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ମୃତିସଭା

ବାଲିଗୁଡ଼ା,୨୭।୧୨(ଡି.ଏନ.ଏ): ବାଲିଗୁଡାସ୍ଥିତ ଶାଳବଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ ବିଜେତା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ସ୍ମୃତିସଭା ସ୍ଥାନୀୟ ବନବାସୀ ସେବା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମେ ସୁଦର୍ଶନ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ୨ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ଶାଳବଣ ସାହିତ୍ୟ ସଂସଦର ସଭାପତି ଡ଼.ମଧୁସୂଦନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା କୁରେଇର ମୁଖ୍ୟ ସମ୍ପାଦକ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିଥିଲେ। ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ରଥ, ଉପ ସଭାପତି ପ୍ରହ୍ଲାଦ ପ୍ରସାଦ ଲେଙ୍କା, ବିଶଜିତ ଜେନା, ନୋଟାରୀ ପବ୍ଲିକ କୌଶିକ ସାହୁ, ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିଶଶେର ଆଚାର୍ଯ୍ୟ, କବି ମିହିର ପାଢ଼ୀ, ଶରତ ଚନ୍ଦ୍ର ମିଶ୍ର, ସସ୍ମିତା ପଣ୍ଡା, ଦୀପ୍ତିମୟୀ ରଥ, କୈଳାଶ ଚନ୍ଦ୍ର ବେହେରା, ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅଭିବ୍ୟକ୍ତି ରଖିଥିଲେ।

# କାର୍ଯ୍ୟ ଦକ୍ଷତାରେ ଆସିକା ଥାନା ରାଜ୍ୟରେ ପ୍ରଥମ

ଆସିକା,୨୭।୧୨(ଡି.ଏନ.ଏ)




ଆସିକା ଥାନା ।

କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠତା ଓ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ସେବା ଯୋଗାଇ ଆସିକା ଥାନା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ରାଜ୍ୟ ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ୨୦୨୨ରେ ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି ପ୍ରସ୍ତୁତ କରାଯାଇଥିବା 'ପ୍ରଗତି ଡେସ ବୋର୍ଡ'ରେ ଆସିକା ଥାନା ପ୍ରଥମ ସ୍ଥାନରେ ରହିଛି । ବିଭିନ୍ନ କାର୍ଯ୍ୟ ଲାଗି ରାଜ୍ୟ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ପକ୍ଷରୁ କରାଯାଇଥିବା ସର୍ଭେରେ ଏହି ଥାନା ୧୦୦ରୁ ୯୪.୫୪ ଅଙ୍କ ହାସଲ କରିଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଅଭିଯୋଗକୁ ଗ୍ରହଣ କରିବା ଠାରୁ ଆରମ୍ଭ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଏବଂ ମାମଲାର ତଦନ୍ତ କରି ଅଭିଯୋଗ ଫର୍ଦ୍ଦ ଦାଖଲ ପୂର୍ବକ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ପାଇବା ପର୍ଯ୍ୟନ୍ତ, ଅଭିଯୋଗ ମିଳିବାର ସର୍ବନିମ୍ନ ସମୟ ମଧ୍ୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା, ଯେ କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହଜିଗଲେ ଷ୍ଟେଶନ ଡାଇରି କରି ଅଭିଯୋଗକାରୀଙ୍କୁ ଏହାର ନକଲ ପ୍ରଦାନ, ଉତ୍ସବ ଅନୁଷ୍ଠାନ ଲାଗି ଅନୁମତି, ଡାକବାଜି ଯନ୍ତ୍ର ଓ ଡିଜେ ବଜାଇବା ଲାଗି ଅନୁମତି କ୍ଷେତ୍ରରେ ସର୍ବନିମ୍ନ ସମୟ ସୀମାର ଅନୁମତିପତ୍ର ପ୍ରଦାନ ଆଦି କାର୍ଯ୍ୟର ସମୀକ୍ଷା ଆଧାରରେ ଆସିକା ଥାନା ପ୍ରଥମରେ ରହିଛି । ଏହି ଥାନାରେ ୨୦୧୯ ଅଗଷ୍ଟ ୨୨ରୁ ପ୍ରଶାନ୍ତ କୁମାର ସାହୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ନେବା ପରଠାରୁ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନ ସହ ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଅଧିକ ତତ୍ପର ଥିବା ଲକ୍ଷ୍ୟ କରାଯାଇଛି ।

# ଗାଁରେ ପହଞ୍ଚିଲା ଯବାନଙ୍କ ମୃତଦେହ

ଗଞ୍ଜାମ,୨୭।୧୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତ ରାଉଳିବନ୍ଧ ଗ୍ରାମର ପି. ସନ୍ତୋଷ ରେଡ୍ଡୀ(୩୪) ପୁଣେରେ ଆର୍ମି ସୈନ୍ୟବାହିନୀରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲାବେଳେ ତାଙ୍କର ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ମୃତଦେହ ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ୬ ମାସ ହେଲା କିଡ୍‌ନୀ ଜନିତ ରୋଗରେ ପୀଡିତ ଥିଲେ। ଚିକିତ୍ସାଧୀନ ଥିବା ବେଳେ ତାଙ୍କର ବିୟୋଗ ଘଟିଥିଲା। ଗ୍ରାମରେ ସ୍ୱର୍ଗତ ଯବାନଙ୍କ ଉଦ୍ଦେଶ୍ୟରେ ଶୋକସଭା, ଶୋକ ସମ୍ବର୍ଦ୍ଧନା ଓ ଶୋଭାଯାତ୍ରା ଆୟୋଜନ କରାଯାଇ ସମ୍ମାନ ଜଣାଇବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।



ମର ଶରୀରରେ ମାଲ୍ୟାର୍ପଣ କରାଯାଉଛି ।

# କ୍ରେଡିଟ୍ କାର୍ଡ ବନ୍ଦ କରିବା ବାହାନାରେ ୧.୧୯ଲକ୍ଷ ଠକେଇ

ବ୍ରହ୍ମପୁର ଅଫିସ,୨୭।୧୨

କ୍ରେଡିଟ୍ କାର୍ଡ ବନ୍ଦ କରିବା ପାଇଁ ଫୋନ୍ କରି ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଓଟିପି ମାଗି ନେଇ ଜମାଖାତାରୁ ୧ ଲକ୍ଷ ୧୯ହଜାର ୨୮୯ ଟଙ୍କା ଲୁଟି ନେଲେ ସାଇବର ଠକ। ଏଭଳି ଏକ ଅଭିଯୋଗ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ହୋଇଛି। ପୋଲିସ ନଂ. ୫୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସଦର ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ଅଞ୍ଚଳର କୈଳାସ ପାଳ ନାମକ ଜଣେ ବ୍ୟକ୍ତି ଏଭଳି ଅଭିଯୋଗ କରିଥିବା ସୂଚନା ମିଳିଛି। ଅଭିଯୋଗ ମୁତାବକ, କୈଳାସ ନିଜର ବ୍ଲକ୍ ଥିବା ଏକ ଏସ୍‌ବିଆଇ କ୍ରେଡିଟ୍ କାର୍ଡକୁ ବନ୍ଦ କରିବା ପାଇଁ ଗତ ଅକ୍ଟୋବର ୧୦ତାରିଖରେ ସ୍ଥାନୀୟ ବ୍ୟାଙ୍କ ଶାଖାକୁ ଯାଇଥିଲେ। ସେଠାରେ କ୍ରେଡିଟ୍ କାର୍ଡ ସମ୍ପର୍କରେ ବୁଝୁଥିବା ବ୍ୟକ୍ତିଙ୍କୁ ଭେଟି ବ୍ଲକ୍ ଥିବା କାର୍ଡ ପାଇଁ ମଧ୍ୟ ଚାର୍ଜ ଦେବାକୁ ପଡୁଥିବାରୁ, ତାହାକୁ ବନ୍ଦ କରିବା ପାଇଁ ଆବେଦନ କରିଥିଲେ। ଠିକ୍ ପରଦିନ କ୍ରେଡିଟ କାର୍ଡ ହେଲ୍ପଡେସ୍କରୁ ଏକ ଫୋନ୍ କଲ୍ ଯିବ ବୋଲି ସେ କହିଥିଲେ। କିନ୍ତୁ ଗତ ୨୧ ଡିସେମ୍ବରରେ ଏକ ଅଜଣା ନମ୍ବରରୁ ତାଙ୍କ ପାଖକୁ ଫୋନ୍ କଲ୍ ଆସିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ଏସ୍‌ବିଆଇ କ୍ରେଡିଟ କାର୍ଡର କର୍ମଚାରୀ ବୋଲି ପରିଚୟ ଦେଇ କାର୍ଡ ବନ୍ଦ କରିବା ପାଇଁ ଆବଶ୍ୟକ ଥିବା ଦର୍ଶାଇ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଓଟିପି ମାଗି ନେଇଥିଲେ। ଏହାପରେ ସେ କ୍ରେଡିଟକାର୍ଡ ବନ୍ଦ ହୋଇଗଲା ବୋଲି ମଧ୍ୟ କହିଥିଲେ। କିନ୍ତୁ ତା'ପରଦିନ ଏସ୍‌ବିଆଇ କାର୍ଡ ଆପ୍ଲିକେସନ୍ ମାଧ୍ୟମରେ ଆକାଉଣ୍ଟ ଯାଞ୍ଚ କରିବାରୁ ତାଙ୍କର ଗୋଟିଏ ନୁହେଁ, ଦୁଇଟି କ୍ରେଡିଟକାର୍ଡ ମାଧ୍ୟମରେ ୧,୧୯,୨୯୨.୨୦ଟଙ୍କା କଟି ଯାଇଥିବା ଜାଣିବାକୁ ପାଇଥିଲେ। ପୁଣି ଦ୍ୱିତୀୟ କେଡ୍ରିଟ କାର୍ଡଟି ୨୯ ଅକ୍ଟୋବରରେ ତାଙ୍କ ପାଖକୁ କୋରିୟର୍ ମାଧ୍ୟମରେ ପହଞ୍ଚିଥିଲା। ବ୍ୟାଙ୍କର କୌଣସି କର୍ମକର୍ତ୍ତା ଏଥିରେ ସମ୍ପୃକ୍ତ ଥିବା ଆଶଙ୍କା କରି ସେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ୮ଟି ଭିନ୍ନ ଭିନ୍ନ ଅଜଣା ନମ୍ବରକୁ ତାଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ସ୍ଥାନାନ୍ତର ହୋଇଥିବା ଜାଣିବାକୁ ପାଇଥିଲେ। ଠକାମିର ଶିକାର ହୋଇଥିବା ବେଳେ ଲୁଟ୍ ହୋଇଥିବା ଟଙ୍କା ପେରସ୍ତ ପାଇବା ପାଇଁ ଶେଷରେ ସେ ସାଇବର ଓ ଅର୍ଥନୈତିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବାଲିପଦର କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

ବାଲିପଦର,୨୭।୧୨

ବାଲିପଦର ଆଞ୍ଚଳିକ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷର ବିଜ୍ଞାନ ଓ କଳା ଛାତ୍ରୀଛାତ୍ରଙ୍କ ମଶାଲ ଶୋଭାଯାତ୍ରା ପରେ କ୍ରୀଡା ପତାକାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର ଉତ୍ତୋଳନ କରିଥିଲେ। ଉପସଭାପତି ଜ୍ଞାନଚାନ୍ଦ ଗୌଡ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଇ.ନିଳାଞ୍ଚଳ ପାତ୍ର, କ୍ରୀଡା ଶିକ୍ଷକ ପି. ଗୋପାଳ ପାତ୍ର, ଅଧ୍ୟାପକ ଭାବଗ୍ରାହୀ ପଣ୍ଡା, ସଂଜୟ କୁମାର ବିଷୋୟୀ, ଅଧ୍ୟାପିକା ସୁଜାତା କୁମାରୀ ପଟ୍ଟନାୟକ, ପ୍ରଦ୍ୟୁମ୍ନ କୁମାର ପାଢୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଥିଲେ। ଅଧ୍ୟାପକ କୈଳଶ ଚନ୍ଦ୍ର ସେନାପତି, ଜୟନ୍ତ କୁମାର ହୋତା, ସୁଶାନ୍ତ କୁମାର ପଣ୍ଡା, ବିଭୁତି ଭୁଷଣ ବେବର୍ତ୍ତା, ଡ.ଦିଲୀପ କୁମାର ପ୍ରଧାନ, ଭାବଗ୍ରାହୀ ମହାପାତ୍ର, ରମାକାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗୋରୁ ଚାଲାଣ ଗାଡି ଜବତ, ୨ ଗିରଫ




ଜବତ ଗାଡ଼ି ସହ ଗୋରୁ ।

କାଶୀନଗର,୨୭।୧୨

ଗଜପତି ଜିଲା କାଶୀନଗରରେ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ବେଳେ ମଙ୍ଗଳବାର ୨ ଜଣ ବ୍ୟକ୍ତି ଗୋଲ୍ଲା ତ୍ରିମୂର୍ତୁଲୁ (୨୩) ଓ ମରଦାବୁଡି ରାମୁ (୩୦) ଧରା ପଡିଛନ୍ତି। ଦୁଇଟି ପିକ୍‌ଅପ୍ (ନଂ. ଏପି ୩୯ୟୁଏର୍ ୮୨୮୨, ଏପି ୩୯ ଟି ଏମ୍ ୪୫୮୯) ମଧ୍ୟ ଜବତ ହୋଇଛି। ମାମଲା ନଂ.୧୬୦/୨୨ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟ ଅଭିଯୁକ୍ତ ବିଶାଖାପାଟନମ ଅଞ୍ଚଳର ବୋଲି ଜଣାପଡିଛି।

# ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଗଞ୍ଜାମ,୨୭।୧୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ସିଏଚ ସୁଧାକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ଗଞ୍ଜାମ କଲେଜ ରସାୟନ ବିଜ୍ଞାନ ଅଧ୍ୟାପକ ରୋହିତ କୁମାର ସାହୁ ସମ୍ମାନିତ ଅତିଥି, ଗ୍ରାମ୍ୟ କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଓ ରମ୍ଭା ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉତ୍ତମ ଶରୀର ଗଠନ ପାଇଁ କ୍ରୀଡା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଡାକ୍ତର ରବୀନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇତିହାସ ବିଭାଗ ଅଧ୍ୟାପକ ବସନ୍ତ କୁମାର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ଓ ନବକିଶୋର ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ।

# ଯୁବ ନେତୃତ୍ୱ, ଗୋଷ୍ଠୀଭିତ୍ତିକ ତାଲିମ କାର୍ଯ୍ୟକ୍ରମ




ଅତିଥିମାନେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଫୁଲବାଣୀ ଅଫିସ, ୨୭।୧୨

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହଠାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଯୁବ ନେତୃତ୍ୱ ଓ ଗୋଷ୍ଠୀଭିତ୍ତିକ ତାମିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ସମୀର କୁମାର ନାୟକ ମୁଖ୍ୟ ଅତିଥି, ଡ. ଅନନ୍ତ ଚରଣ ମିଶ୍ର, ରବୀନ୍ଦ୍ର ନାଥ ମିଶ୍ର, ମନୋଜ କୁମାର ପଟନାୟକ, ବସନ୍ତ କୁମାର ପ୍ରଧାନ, ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲା ଯୁବ ଅଧିକାରୀ ନବନୀତ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବ୍ଲକରୁ ୪୦ ଜଣ ଶିବିରାର୍ଥୀ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବତୀଯୁବକମାନଙ୍କୁଅବଗତକରିଥିଲେ। ଯୁବକମାନେ କିପରି ରୋଜଗାରକ୍ଷମ ହୋଇପାରିବେ ତାହା ଉପରେ ଆଧାରିତ ବିଭିନ୍ନ ବିଷୟବସ୍ତୁ ଶିବିରରେ ତାଲିମ ଦିଆଯାଇଥିଲା। ଉଦଯାପନୀରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ପୌର ପରିଷଦର ଅଧ୍ୟକ୍ଷ ସ୍ମିତାରାଣୀ ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଡ. ନୀଳ ମାଧବ ପାଢ଼ୀ, ନବୀନ କିଶୋର ପଣ୍ଡା ଏବଂ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ରିତୀମା ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଭିଭାବକ

## ହିଞ୍ଜିଳିକାଟୁ ଆଇଟିଆଇ ଛାତ୍ର ମୃତ୍ୟୁ ଘଟଣା

ଭଞ୍ଜନଗର,୨୭।୧୨(ଡି.ଏନ.ଏ)

ହିଞ୍ଜିଳିକାଟୁ ପୋଲିମିସ୍ଥିତ ସରକାରୀ ଆଇଟିଆଇ ଛାତ୍ର ସାଇ ସଞ୍ଜୀବ ତ୍ରିପାଠୀଙ୍କ ୧୦ ତାରିଖରେ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ରାତିରେ ସଞ୍ଜୀବଙ୍କ ବାପା ଶିବରାମ ଭଞ୍ଜନଗର ଥାନାରେ ଆଇଟିଆଇ ଅଧ୍ୟକ୍ଷ ଏବଂ ୱାର୍ଡେନଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ସେମାନଙ୍କ ଅବହେଳା ଯୋଗୁ ପୁଅର ମୃତ୍ୟୁ ଘଟିଛି । ତେଣୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ମାମଲା ପ୍ରତ୍ୟାହାର ନ କଲେ ହତ୍ୟା କରାଯିବ ବୋଲି ଧମକ ମିଳିଥିବା ଶିବରାମ ଥାନାରେ ଜଣାଇଛନ୍ତି । ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଯେ ଶିବରାମ ସୋମବାର ହିଞ୍ଜିଳିକାଟୁ ଥାନାରେ ଅଧ୍ୟକ୍ଷ ଏବଂ ୱାର୍ଡେନଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ କର୍ମଚାରୀମାନେ ଦୁଇଦିନ ହେଲା ତାଙ୍କ ବାଉଁଶଲୁଣ୍ଠିସ୍ଥିତ ଭଡ଼ାଘରକୁ ଯାଇ ଏତଲା ପ୍ରତ୍ୟାହାର କରିନେବା ପାଇଁ ଅନୁରୋଧ କରିଥିଲେ । ଶିବରାମ କୌଣସି କଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଅଧ୍ୟକ୍ଷ ଏବଂ ତାଙ୍କ ସହ ଆସିଥିବା ଅନ୍ୟ କର୍ମଚାରୀମାନଙ୍କ ବିରୋଧରେ ଥାନାରେ ହତ୍ୟା ଧମକ ଅଭିଯୋଗ ଆଣିଥିଲେ। ଅପରପକ୍ଷେ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନଙ୍କୁ ବନ୍ଦୀ କରି ରଖାଯାଇଥିବା ନେଇ ଥାନାରେ ମୌଖିକ ଭାବେ ପାଲଟା ଅଭିଯୋଗ ହୋଇଛି । ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡ଼ାକି ନେଇ ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ସଞ୍ଜୀବ ସାଙ୍ଗମାନଙ୍କ ସହ ମିଶି ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ିଯାଇଥିଲେ। ଏହି ଘଟଣାର ୧୬ ଦିନ ବିତିଥିଲେ ମଧ୍ୟ ଆଇଟିଆଇର କୌଣସି କର୍ମଚାରୀ ସଞ୍ଜିବଙ୍କ ପରିବାର ଲୋକଙ୍କୁ ଭେଟିନାହାନ୍ତି । ଯାହାକୁ ନେଇ ଶିବରାମ ହତୋତ୍ସାହିତ ହୋଇ ସୋମବାର ହିଞ୍ଜିଳିକାଟୁ ଥାନାରେ ଅଭିଯୋଗ କରିଥିଲେ।

## ସମ୍ପତ୍ତି ଲୋଭରେ ମା'ଙ୍କୁ ବିଷ ଇଞ୍ଜେକ୍ସନ ଦେଇ ହତ୍ୟା ଘଟଣା

# ପ୍ରମାଣ ଅଭାବରୁ ପୁଅ ସମେତ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୭।୧୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗରରେ ରହୁଥିବା ଜୟନ୍ତୀ ପଟ୍ଟନାୟକଙ୍କୁ ତାଙ୍କ ପୁଅ ସମ୍ପତ୍ତି ଲୋଭରେ ବିଷ ଇଞ୍ଜେକ୍ସନ ଦେଇ ୨୦୧୨ ମାର୍ଚ୍ଚ ୨୬ରେ ହତ୍ୟା କରିଥିଲେ। ଘଟଣାର ୧୦ବର୍ଷ ପରେ ମାମଲାର ବିଚାର ବେଳେ ପ୍ରମାଣ ଅଭାବରୁ ଅଭିଯୁକ୍ତ ପୁଅ ସମେତ ୪ଜଣଙ୍କୁ ଜିଲା ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ମୃତ ଜୟନ୍ତୀଙ୍କ ବଡ଼ପୁଅ ବିଶ୍ୱଜିତ ପଟ୍ଟନାୟକ, କୁକୁଡ଼ାଖଣ୍ଡିର ତ୍ରିନାଥ ବେହେରା, ଜଗନ୍ନାଥପ୍ରସାଦ କୁମ୍ଭାପଡ଼ାର ଗୋପାଳ ପ୍ରଧାନ ଓ ବଡ ମେଡିକାଲ ନିକଟରେ ଥିବା କୃଷ୍ଣନଗରର ମଞ୍ଜୁଲତା ପାଢ଼ୀ।

ପ୍ରକାଶ ଯେ, ଜୟନ୍ତୀ ପଟ୍ଟନାୟକଙ୍କ ନିକଟରେ ତାଙ୍କ ସାନ ପୁଅ ସତ୍ୟଜିତ ରହୁଥିବା ବେଳେ ବିଶ୍ୱଜିତ ଅନ୍ୟତ୍ର ଭଡ଼ାରେ ରହୁଥିଲେ। ସତ୍ୟଜିତ ଋଷିକୁଲ୍ୟା ଗ୍ରାମୀଣ ବ୍ୟାଙ୍କରେ କାମ କରୁଥିଲେ। ୨୦୧୨ ମାର୍ଚ୍ଚ ୨୬ରେ ସତ୍ୟଜିତ ବ୍ୟାଙ୍କରେ ଥିବା ବେଳେ ତାଙ୍କ ମା' ଜୟନ୍ତୀ ଘର ଭିତରେ ବାନ୍ତି କରୁଥିବା ନେଇ ପଡ଼ୋଶୀ ଘର ଲୋକଙ୍କ ଠାରୁ ଖବର ପାଇ ସେ ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ମା'ଙ୍କୁ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଇଞ୍ଜେକ୍ସନ ଦେବା ପରେ ବିଷ କ୍ରିୟାରେ ଜୟନ୍ତୀଙ୍କ ମୃତ୍ୟୁ ଘଟିଥିଲା ବୋଲି ଡାକ୍ତର କହିଥିଲେ। ପରେ ସତ୍ୟଜିତ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣା ଦିନ ବିଶ୍ୱଜିତ ତାଙ୍କ ମା'ଙ୍କ ପାଖକୁ ଆସି ଝଗଡା କରିଥିଲେ। ପରେ ପୋଲିସ ବିଶ୍ୱଜିତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ବିଶ୍ୱଜିତ ଜଣେ ମହିଳାଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଆଣି ଶୁଝିପାରୁନଥିଲେ। ମା'ଙ୍କୁ ହତ୍ୟା କରିଦେଲେ ତାଙ୍କୁ ସମ୍ପତ୍ତି ମିଳିବା ପରେ ସେ ଟଙ୍କା ଫେରସ୍ତ କରିବେ ବୋଲି ସେହି ମହିଳାଙ୍କୁ କହିଥିଲେ। ପରେ ପୋଲିସ ମାମଲା ନମ୍ବର ୧୦୨/୧୨ ରେ ବିଶ୍ୱଜିତ ପଟ୍ଟନାୟକ, ମଞ୍ଜୁଲତା ପାଢ଼ୀ, ତ୍ରିନାଥ ବେହେରା ଓ ଗୋପାଳ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତତ୍କାଳୀନ ବୈଦ୍ୟନାଥପୁର ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଦୀପକ କୁମାର ମିଶ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ମାମଲାର ୪ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଜିଲା ଜଜ୍‌ଙ୍କ କୋର୍ଟରେ ଉକ୍ତ ମାମଲାର ବିଚାର ବେଳେ ଉପରୋକ୍ତ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୨୪ ଜଣ ସାକ୍ଷୀ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜିଲା ଜଜ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ୬ ନଂ ୱାର୍ଡ ଉପନିର୍ବାଚନ ଦ୍ୱିତୀୟ ଦିନରେ ୨ ନାମାଙ୍କନ ଦାଖଲ

ଜି.ଉଦୟଗିରି,୨୭।୧୨

ଜି.ଉଦୟଗିରି ଏନ୍‌ଏସି ୬ନଂ ୱାର୍ଡରେ ଉପ ନିର୍ବାଚନ ପାଇଁ ସୋମବାର ପ୍ରଥମ ଦିନ କେହି ନାମାଙ୍କନ ଦାଖଲ କରିନଥିଲେ। ମଙ୍ଗଳବାର ଦ୍ୱିତୀୟ ଦିନରେ ଦୁଇ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ ସୁଜାତା ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଖେଲ ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଛାତ୍ରୀଙ୍କ ସ୍ୱର୍ଣ୍ଣପଦକ ଲାଭ

ଜି.ଉଦୟଗିରି,୨୭।୧୨

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱରରେ ବସୁଧା ପ୍ରଧାନ ସ୍ନାତକତ୍ତୋର ଶିକ୍ଷାରେ ଗୋଲ୍ଡ ମେଡାଲ ପାଇଛନ୍ତି। ଜି.ଉଦୟଗିରି ବ୍ଲକ ମାଳିକାପଡିର ବଳରାମ ପ୍ରଧାନଙ୍କ ଝିଅ ବସୁଧା ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର ଉପରେ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱରଠାରେ ଗବେଷଣା କରି କୃତିତ୍ୱ ହାସଲ କରିଥିବାରୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥିପାଇଁ ବସୁଧା ନିଜ ବାପା ମା, ଶିକ୍ଷକଙ୍କୁ ଶ୍ରେୟ ଦେବା ସହ ଭଗବାନଙ୍କ ଆର୍ଶିବାଦରୁ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି।

# କାଳଞ୍ଜି ସମାଜ ମହାସଭା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୨୭।୧୨(ଡି.ଏନ.ଏ)

ଆସିକା ଏନ୍‌ଏସି ହରିହର ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଗତ ରବିବାର ଠାରୁ ଚାଲିଥିବା ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ କେନ୍ଦ୍ର ପରିଷଦର ପଞ୍ଚମ ମହାସଭା ମଙ୍ଗଳବାର ଉଦଯାପିତ ହୋଇଛି । ଉଦଯାପନୀରେ କେନ୍ଦ୍ରୀୟ ସଭାପତି ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜର ସଦସ୍ୟା ତଥା ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଏବଂ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ମହାସଭାର ଆବାହକ ତଥା କେନ୍ଦ୍ରୀୟ ମୁଖ୍ୟ ସଂଗଠକ ସତ୍ୟନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସମ୍ପାଦକ ନିଳାଞ୍ଚଳ ପୋଲାଇ, ଉପସଭାପତି ବୃନ୍ଦାବନ ଖଟେଇ, ସଂଗଠନ ସମ୍ପାଦକ ଅନ୍ତର୍ଯ୍ୟାମୀ ସ୍ୱାଇଁ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ଜେନା, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଜବଗନ୍ଧୁ ଜେନା, ପ୍ରଫୁଲ୍ଲ ମଲିକ, ସରୋଜ କୁମାର ପ୍ରଧାନ, ଆସିକା ଅଞ୍ଚଳ ସଭାପତି ନବକୃଷ୍ଣ ବିଷୋୟୀ, ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନଙ୍କ ସମେତ ୧୪ଟି ଅଞ୍ଚଳର ସଭାପତି ଓ ସମ୍ପାଦକ ମଞ୍ଚାସୀନ ଥିଲେ । ମହାସଭାରେ ଆସିଥିବା ବିଭିନ୍ନ ଅଭିଯୋଗର ବିଚାର ଓ ଶୁଣାଣି କରାଯିବା ସହ ସମାଜର ସମ୍ବିଧାନ ଉପରେ ଆଲୋଚନା କରାଯାଇଥିଲା। ସମାଜର ଝିଅମାନେ ଯେପରି ଉଚ୍ଚ ଶିକ୍ଷିତା ହେବେ ସେଥିଲାଗି ଯତ୍ନବାନ ହେବା ଲାଗି ଆହ୍ୱାନ କରାଯାଇଥିଲା ।

## ସଂକ୍ଷେପରେ

### ୟଙ୍ଗ୍ ଷ୍ଟାର୍ କ୍ଲବ୍ କ୍ରିକେଟ: ସେମିରେ ବାଲେଶ୍ୱର

ବ୍ରହ୍ମବରଦା, ୨୭।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ହାଜିରହିମିଆଁ ଖେଳପଡ଼ିଆଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲୁଥିବା ଆନ୍ତଃରାଜ୍ୟ ଚତୁର୍ଥ କ୍ୱାର୍ଟର ଫାଇନାଲ ଟୁର୍ଣ୍ଣାମେଣ୍ଟରେ ଚରମ୍ପା ଏକାଡେମୀ ଭଦ୍ରକକୁ ହରାଇ ଆଦର୍ଶ କ୍ରିକେଟ୍ କ୍ଲବ ବାଲେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ମ୍ୟାଚ୍‌ରେ ଚରମ୍ପା ଏକାଡେମୀ ଭଦ୍ରକ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରୁ ଦଳ ୨୩.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୬୯ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଜ୍ୟୋତିରଞ୍ଜନ ମହାପାତ୍ର ୩୩ବଲ ଖେଳି ସର୍ବାଧିକ ୪୪ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ସୁକାନ୍ତ ମାହାନ୍ତି ୪ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଅକ୍ତିୟାର କରିଥିଲେ। ଆଦର୍ଶ କ୍ରିକେଟ୍ କ୍ଲବ୍ ବାଲେଶ୍ୱର ନିର୍ଦ୍ଧାରିତ ୨୫ ଓଭରରୁ ୧୯.୩ ଓଭର ଖେଳି ବିଜୟୀ ହୋଇଥିଲା। ଦଳ ତରଫରୁ ରାଜୀବ ସାହୁ ୫୮ ବଲରେ ୭୭ରନ କରିଥିବାରୁ ତାଙ୍କୁ ମ୍ୟାନ-ଅଫଦି-ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଓସିଏ ପ୍ୟାନେଲର ଅମ୍ପାୟାର ଦେବରାଜ ମିଶ୍ର ଓ ସୁବ୍ରତ ଜେନା ଖେଳକୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବିରେଶ ମାହାନ୍ତି ଓ ଅମିୟକାନ୍ତ ପରିଡ଼ା, ସ୍କୋରର ଭାବେ ବିଭୁପ୍ରସାଦ ମଣ୍ଡଳ, ରାଜେଶ ଦେଓ ଓ ସୁମନ ବେହେରା ଦାୟିତ୍ୱ ତୁଲାଇଥିଲେ। କ୍ଲବ୍ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, କୋଷାଧକ୍ଷ ଉଦୟଭାନୁ ଦେଓ, ଦିନବନ୍ଧୁ ରାଉତ, ବୀରକିଶୋର ରାଉତ, ଜିତେନ୍ଦ୍ର ରାଉତ, ଜିତେନ୍ଦ୍ର ବେହେରା ଓ ସ୍ମୃତିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ଶ୍ରାଦ୍ଧବାର୍ଷିକୀ

ଯାଜପୁର ଟାଉନ,୨୭।୧୨ (ଡି.ଏନ.ଏ.): ଯାଜପୁର ସହରର ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ମୃତିଚାରଣ ସଭା ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଥିବାବେଳେ ଯାଜପୁର ସହରରେ ଥିବା ରାମକୃଷ୍ଣ ବିବେକାନନ୍ଦ ସଂଘ ତରଫରୁ ଏହି ମହାର୍ଘ୍ୟ ସମାବେଶ ହୋଇଥିଲା। ରାମକୃଷ୍ଣ ବିବେକାନନ୍ଦ ସଂଘର ସଭାପତି ଭାବେ ଶରତ ଜେନା ଥିବାବେଳେ ସମ୍ପାଦକ ଭାବେ ପୂର୍ବତନ ପୌରପାଳ ଯଯାତି କେଶରୀ ଦାସ ଅଛନ୍ତି। ଜେନାଙ୍କ ଅବର୍ତ୍ତମାନରେ ସଭାପତି ଦାୟିତ୍ୱ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତି ଚଳାଉଥିବାବେଳେ ସଂଘର ବରିଷ୍ଠ ସଦସ୍ୟ ଆଇନଜୀବୀ ପ୍ରବୀର ରାୟ, କିଶୋର ଚନ୍ଦ୍ର କର, କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ କରିଥିଲେ। ସଂଘର ଅନ୍ୟତମ ସଦସ୍ୟ ଜୟନ୍ତ ଗୋସ୍ୱାମୀ, ନିଶିଥ ଦାସ, ଜ୍ଞାନଚାନ୍ଦ ଦାସ ପ୍ରମୁଖ ଜେନାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଂଘର ସଭାପତି ପ୍ରମୋଦ ମହାନ୍ତିଙ୍କ ସଞ୍ଚାଳନରେ ଅଧାପକ ଦାମୋଦର ବେହେରା ମଞ୍ଚ ପରିଚାଳନା କରିଥିଲେ। ଜେନାଙ୍କ ସାନଭାଇ କୁଳମଣି ଜେନା, ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ପୌରପାଳିକାର ପୂର୍ବତନ ଅଧକ୍ଷ ଭବ ପ୍ରସାଦ ଦାସ, ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ପୂର୍ବତନ ପୌରାଧକ୍ଷା ତୁଷାରକାନ୍ତି ନାୟକ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବିଚାରପତି ବିଶ୍ୱଜିତ ମହାନ୍ତି ପ୍ରମୁଖ ଜେନାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ପ୍ରଣମ୍ୟ ଶରତ ଚନ୍ଦ୍ର ଅବିସ୍ମୃତ ଉଦ୍‌ଭାସ' ନାମକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

### ଶୋଭାଯାତ୍ରାରେ ବିଶ୍ୱକପ୍ ହକିକୁ ସ୍ୱାଗତ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ): ଜାନୁୟାରୀରୁ ଆରମ୍ଭ ହେଉଛି ବିଶ୍ୱକପ୍ ପୁରୁଷ ହକି। ଏହାକୁ ସଫଳ କରାଇବା ସହ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏକ ଉଦାହରଣ ସୃଷ୍ଟି ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରାଜ୍ୟରେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଆୟୋଜିତ ହେଉଥିବାରୁ ରାଜ୍ୟବାସୀଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ମଙ୍ଗଳବାର ଭୁବନେଶ୍ୱର ଅଟୋ ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ ସିଏମ୍‌ସି ମେୟର ସୁବାଷ ସିଂ ଏଥିରେ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସ୍ୱାଗତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଆଚାର୍ଯ୍ୟ ବିହାରଠାରୁ ବାହାରି ବାଣୀବିହାର, ରାମ ମନ୍ଦିର, ରେଳ ଷ୍ଟେଶନ, ରାଜମହଲ, କଳିଙ୍ଗଷ୍ଟାଡିୟମ୍‌ରୁ ଜୟଦେବ ବିହାର ଯାଏ ଯାଇଥିଲା।

# ନାରାୟଣ ଗୋସାଇଁ ପୀଠ କାର୍ଯ୍ୟକୁ ନେଇ ବିବାଦ

- ଉଚ୍ଚ ନ୍ୟାୟାଳୟରେ ମାମଲା
- ମାସକ ମଧରେ ସମାଧାନ ପାଇଁ ନିର୍ଦ୍ଦେଶ

ରସୁଲପୁର,୨୭।୧୨(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁରସ୍ଥିତ ପୁରାଣ ବର୍ଣ୍ଣିତ ରାଜପରିବାରର ଠାକୁର ପ୍ରଭୁ ନାରାୟଣ ଗୋସାଇଁଙ୍କ ପୀଠ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ଫଳରେ ଏନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରାଯାଇଛି। ତେଣୁ ମାମଲାକୁ ମାସକ ମଧରେ ଫଇସଲା କରିବାକୁ ପ୍ରତିପକ୍ଷଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ସିଂହାପୁର ଯାତ୍ରା ପଡ଼ିଆରେ ଚାଲିଥିବା ମନ୍ଦିର ନିର୍ମାଣ କାର୍ଯ୍ୟ ଓ ନିର୍ମାଣ କାର୍ଯ୍ୟକୁ ତଦାରଖ କରୁଥିବା କମିଟି ମଧରେ ଛନକା ପସିଛି। ପ୍ରତିପକ୍ଷଙ୍କ ପକ୍ଷରୁ ଘଟଣାକୁ ତର୍ଜମା କରାଯାଇ ଯାହା ନିଷ୍ପତ୍ତି ନିଆଯିବ ତାହାରି ଉପରେ ମନ୍ଦିର ନିର୍ମାଣର ଭାଗ୍ୟ ନିର୍ଭର କରୁଛି ବୋଲି କୁହାଯାଉଛି।


ନାରାୟଣ ଗୋସାଇଁଙ୍କ ପୁଷ୍କରିଣୀ ।

ଅଭିଯୋଗ ମୁତାବକ, ପ୍ରଭୁ ନରାୟଣ ଗୋସାଇଁ ବର୍ଷର ୩୬୨ଦିନ ମଧୁତୀର୍ଥ ପୁଷ୍କରିଣୀ ଜଳରେ ବୁଡ଼ିରୁହନ୍ତି। ୩ଦିନ ପାଇଁ ପ୍ରଭୁ ସ୍ଥଳ ବିଜେକରି ପୂଜା ପାଇବାର ବିଧି ରହିଛି। ଠାକୁରଙ୍କ ନୀତିକାନ୍ତିକୁ ମଧୁପୁରଗଡ଼ ରାଜପରିବାର ପକ୍ଷରୁ ପରିଚାଳନା କରାଯାଇଆସୁଛି। ଏହାବାଦ୍ ସ୍ଥାନୀୟ ଅଞ୍ଚଳର ସିଂହାପରୁ, ଓଡ଼ିଶୋ, କଲଣ ଓ ବାରବାଟୀ ଆଦି ୪ ପଞ୍ଚାୟତ ଜନପ୍ରତିନିଧି ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଯାତ୍ରାର ସୁପରିଚାଳନା ଦିଗରେ ସହାୟତା ପ୍ରଦାନ କରାଯାଉଛି। ଉକ୍ତ କମିଟି ବର୍ଷାଧିକ କାଳ ଦାୟିତ୍ୱ ତୁଲାଇ ଆସୁଛି। ମାତ୍ର ଏହି କମିଟି ବେଆଇନ ଭାବେ ନିର୍ମାଣ କରାଯାଇଛି। ଏହା ଜରିଆରେ ଲକ୍ଷାଧିକ ଟଙ୍କାର ଆତ୍ମସାତ୍ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଯାତ୍ରା କମିଟି ପକ୍ଷରୁ ପୂଜା ଅବସରରେ ଭୋଗଦୋକାନ, ସାଇକେଲ ଷ୍ଟାଣ୍ଡ, ଯାତ୍ରାପଡିଆରେ ଦୋକାନ ଖୋଲିବା ଦିଗରେ ମାସୁଲ ଆଦାୟ ଭଳି ଅନେକ ଉପାୟରେ ଆଦାୟ ହେଉଥିବା ଲକ୍ଷାଧିକ ଟଙ୍କାକୁ କମିଟିର ଲୋକେ ଆତ୍ମସାତ୍ କରୁଛନ୍ତି। ଯାତ୍ରା ପଡିଆରେ ଏକ ବେଆଇନ ମନ୍ଦିର ନିର୍ମାଣ କରାଯାଉଛି। ମଧୁତୀର୍ଥ ଉନ୍ନତୀକରଣ ନାଁରେ ପୁଷ୍କରିଣୀରୁ ପାଣି ଶୁଖାଇ ନିର୍ମାଣ ଆଳରେ ପୋଖରୀରୁ ମାଛ ମାରିବା, ନିର୍ମାଣ କାର୍ଯ୍ୟକୁ ଅଧାରେ ଛାଡି ଦେବା ଭଳି ନାନା ଅନିୟମିତା କରାଯାଇଛି ବୋଲି ଉଚ୍ଚ ନ୍ୟାୟାଳୟରେ ଦାୟର ମାମଲାରେ ଉଲ୍ଲେଖ କରାଯାଇଛି। ଏ ନେଇ ସତ୍ୟବାନ ନାୟକ ଓ ଅନ୍ୟ ୫ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରିଛନ୍ତି। ଉଚ୍ଚ ନ୍ୟାୟଳୟ କେସ୍ ନଂ.୩୩୨୬୧/୨୦୨୨ରେ ଦାୟର ହୋଇଥିବା ମାମଲାରେ ପିଟିସନରମାନେ କମିଶନର କମ୍ ସେକ୍ରେଟାରୀଟୁ ଗଭର୍ନମେଣ୍ଟ୍ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଯାଜପୁର ଜିଲାପାଳ, ରସୁଲପୁର ତହସିଲଦାର, ଯାତ୍ରା କମିଟିର ସମ୍ପାଦକ ଓ କୋଷାଧକ୍ଷଙ୍କୁ ପକ୍ଷ କରିଛନ୍ତି। ୦୫।୧୨।୨୦୨୨ରେ କୋର୍ଟ ପକ୍ଷରୁ ପ୍ରକାଶ ପାଇଥିବା ଆଦେଶନାମାରେ ଉକ୍ତ ମାମଲାକୁ ମାସକ ମଧରେ ସମାଧାନ କରିବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ଦିଗରେ ଯାତ୍ରା କମିଟି ସମ୍ପାଦକ ଗିରିଜା ଶଙ୍କର ନାୟକଙ୍କୁ ପଚାରିବାରୁ ସେମାନେ କୋର୍ଟରୁ କୌଣସି ନୋଟିସ ପାଇନାହାନ୍ତି। ମାତ୍ର ଯାତ୍ରା କମିଟି ପଞ୍ଜୀକରଣ ହୋଇ ନ ଥିବା ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ତେବେ ଅଭିଯୋଗାକରୀ ପୂର୍ବରୁ କମିଟିରେ ଥିଲେ। ଏବେ ତାଙ୍କୁ କମିଟିରେ ସ୍ଥାନ ନ ମିଳିବାରୁ ଏଭଳି ଅଭିଯୋଗ କରୁଛନ୍ତି। ଏହାପୂର୍ବରୁ ସେମାନେ ମନ୍ଦିର ନିର୍ମାଣକୁ ନେଇ ଯାଜପୁର ଉପଜିଲାପାଳଙ୍କ କୋର୍ଟରେ ୧୪୪ କେସ୍ କରିଥିଲେ ବୋଲି ନାୟକ ମତ ରଖିଛନ୍ତି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସ୍ୱାବଲମ୍ବୀ ପୀତବାସ

## ଇଚ୍ଛାଶକ୍ତି ଆଗରେ ହାର ମାନିଛି ପରିଣତ ବୟସ

ଛତିଆ,୨୭।୧୨(ଡି.ଏନ.ଏ.): ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ପରିଣତ ବୟସ। ଆଳସ୍ୟ ଜୀବନ ବିତାଉଥିବା ବ୍ୟକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସାହ ସାଜିଛନ୍ତି ୭୫ ବର୍ଷୀୟ ପୀତବାସ ଦଳେଇ। ସେ ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଅଞ୍ଚଳରେ ଖଣ୍ଡିଏ ଦଦରା ସାଇକେଲ ଧରି ପ୍ରତିଦିନ ଘରକୁ ଘର ବୁଲି ଭଙ୍ଗା ଲୁହା, ଟିଣ କିଣି ବେପାର କରୁଛନ୍ତି। ଚମ ଧୁଡୁ ଧୁଡୁ ଚେହେରା। ଅଣ୍ଟା ନଇଁ ଗଲାଣି। ହେଲେ ଖରା, ବର୍ଷା ଓ ଶୀତକୁ ଖାତିରି ନ କରି ସ୍ୱାବଲମ୍ବୀ ପୀତବାସ ବେପାର କରି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଦୀର୍ଘ ବର୍ଷ ଧରି ଛତିଆ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିବା ଉକ୍ତ ବୃଦ୍ଧଙ୍କ ନିଜ ଘର କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରି ପଞ୍ଚାୟତର ବୋତଲମା ଗ୍ରାମରେ। ପରିବାର କହିଲେ ସ୍ତ୍ରୀ, ୩ ଝିଅ ଓ ଦୁଇ ପୁଅ। ସଭିଙ୍କ ବିବାହ ସରିଛି। ପୀତବାସ ସୁଉଚ୍ଚ ଗଳାରେ ଭଙ୍ଗା ଲୁହା, ଟିଣ ଡାକ ଡାକି ସଭିଙ୍କୁ ଆକର୍ଷିତ କରି ବେପାର କରୁଥିବା ଦେଖିବାକୁ ମିଳେ। ଥକ୍କା ପଣ ତାଙ୍କଠାରେ ଦେଖିବାକୁ ମିଳେନି। ଏ ସମ୍ପର୍କରେ ତାଙ୍କୁ ପଚାରିବାରେ ସେ କୁହନ୍ତି, ଚାଳିଶ ବର୍ଷ ହେବ ଏହି ବୃତ୍ତି କରୁଛି। କାହା ଉପରେ ବୋଝ ହୋଇନାହିଁ। ଏହି ବୃତ୍ତି କରି ସ୍ୱାଭିମାନ ସହିତ ଜୀବନ ବିତାଇ ବେଶ ଆନନ୍ଦ ପାଉଛି। ହାତ ଗୋଡ଼ ଚାଲୁ ଥିବା ଯାଏ ଏହି କାର୍ଯ୍ୟ କରୁଥିବି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଦୁଃଖ କଷ୍ଟେ ଚଳିଯାଏ।


ପୀତବାସ ଦଳେଇ



ଧର୍ମଶାଳା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଦର୍ଶକଙ୍କୁ ବାନ୍ଧି ରଖିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଧର୍ମଶାଳା ମହୋତ୍ସବର ତୃତୀୟ ସନ୍ଧ୍ୟା**

ଧର୍ମଶାଳା,୨୭।୧୨(ଡି.ଏନ.ଏ.): ଧର୍ମଶାଳା ମହୋତ୍ସବର ତୃତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ସୁନ୍ଦରଗଡ଼ର ଉଦମାଳି ଝୁମର ନୃତ୍ୟ ଓ ଆନନ୍ଦପୁର ରଘୁନାଥ ଡ୍ୟାନ୍ସଗୃପ ଦ୍ୱାରା ପରିବେଷତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ବାନ୍ଧିରଖିଥିଲା। ତୃତୀୟ ସନ୍ଧ୍ୟାରେ ଶୀତ କମ ଥିବାରୁ ମହୋତ୍ସବ ପଡ଼ିଆରେ ଦର୍ଶକଙ୍କ ଅଧିକ ଭିଡ ପରିଲିଖିତ ହୋଇଥିଲା। ଆଖପାଖ ଅଞ୍ଚଳର ହଜାରହଜାର ସଂଖ୍ୟାରେ ଦର୍ଶକ ମହୋତ୍ସବ ବୁଲିବା ସହିତ ସୁସ୍ୱାଦୁ ଖାଦ୍ୟ ଓ କିଣାକିଣିର ମଜା ନେଇଥିଲେ। ଏଥିସହିତ ଦୋଳି ଖେଳିଥିଲେ। ଦର୍ଶକଙ୍କ ଭିଡ ଲାଗିଥିବା ବେଳେ ଆସାମାଜିକ ଯୁବକମାନଙ୍କ କାରନାମା ଉପରେ ନଜର ରଖିବା ପାଇଁ କମିଟି ପକ୍ଷରୁ ମହୋତ୍ସବ ପଡିଆର ବିଭିନ୍ନ ସ୍ଥାନରେ ୩୦ଟି ସିସିଟିଭି ଲଗାଯାଇଛି। ଅନ୍ୟପଟେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଧର୍ମଶଳା ପୋଲିସ ସହିତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଥାନା ଅଧିକାରୀ ରାକେଶ ତ୍ରିପାଠୀ ନିଜେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ତଦାରଖ କରୁଛନ୍ତି। ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଧବାର ସନ୍ଧ୍ୟାରେ ପୁରୀର ଗୋଟିପୁଅ ନୃତ୍ୟ ପରିଷଦ ଓ ଦଶରଥପୁରର ଡଲଫିନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

### ନକଲି ଗାଡ଼ି ନମ୍ବର ବ୍ୟବହାର କରି ୨ ଗିରଫ

ଫୁଲନଖରା,୨୭।୧୨(ଡି.ଏନ୍.ଏ.) କାର୍‌ରେ ନକଲି ନମ୍ବର ବ୍ୟବହାର କରି ଚଲାଇବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ସାଗର କାହାଳୀ ଓ ସୋମନାଥ ସାହୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୮ରେ ସୋମନାଥ ଏକ କାର କିଣିଥିଲେ। ବିନା ପଞ୍ଜୀକରଣରେ ସ୍ଥାନୀୟ ନୂଆ କାଚରାମାଳ ଗ୍ରାମର ଶୁଭାଶିଷ ବେହେରାଙ୍କ ଗାଡି ନମ୍ବର ବ୍ୟବହାର କରି ସାଗରଙ୍କୁ ଚଲେଇବା ପାଇଁ ଦେଇଥିଲେ।

### ମହତାବ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଝୁମ୍ପୁରୀ,୨୭।୧୨(ଡି.ଏନ୍.ଏ.): ଶିକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ ପାଇଁ ଜୀବନ ଗଢ଼ିବାର ମାଧମ। ତେଣୁ ବିଦ୍ୟାଳୟ ଜୀବନରେ ଉତ୍ତମ ଶିକ୍ଷାଲାଭ କରିପାରିଲେ ଛାତ୍ରୀଛାତ୍ର ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଦଶରଥପୁର ବ୍ଲକ୍ ମଙ୍ଗଳପୁରସ୍ଥ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ସମାରୋହରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏକଥା କହିଛନ୍ତି।୩ ଦିନଧରି ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହକୁ ଅମୃତ ମହୋତ୍ସବ ନାମରେ ପାଳନ କରାଯାଉଛି। ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ କମିଟି ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷାବିତ୍ ଅନାମ ଚରଣ ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ବିଧାୟକ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମଙ୍ଗଳପୁର ମହତାବ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିକୁ ଆହୁରି ବିକାଶ କରିବା ସହ ଜିଲାରେ ଏହି ବିଦ୍ୟାଳୟକୁ ଏକ ସର୍ବଶ୍ରେଷ୍ଠ ବିଦ୍ୟାଳୟଭାବେ ଗଢ଼ିତୋଳିବାକୁ ଯାହା ଆବଶ୍ୟକ ତାହା ସେ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅମୃତ ମହୋତ୍ସବ କମିଟିର ଅନ୍ୟତମ ସଭ୍ୟ ବିଜୟ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ବଂଶୀଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

ବିଧାୟକ ଦାସଙ୍କ ମଙ୍ଗଳପୁର ଗସ୍ତ ଅବସରରେ ଦଶରଥପୁର ବ୍ଲକ୍‌ର ସିନ୍ଦୁରାଇମୁହଁଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଦଳୀୟ ସରପଞ୍ଚ, ସମିତିସଭ୍ୟ ଓ କର୍ମୀଙ୍କ ପକ୍ଷରୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁଣି ଚାଉଳ ହଡ଼ପ ଅଭିଯୋଗ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୭।୧୨(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅଧୀନରେ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ଓ ସାଧାରଣ ଲୋକଙ୍କୁ ଦିଆଯାଉଥିବା ଚାଉଳ ହଡ଼ପ ନେଇ ବିଭାଗ ତରଫରୁ ନଭେମ୍ବର ୧୦ରେ ୬ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ବିଡିଓ ଏଥିନେଇ ଉଲ୍ଲେଖ କରିଥିଲେ କି ପିଓଏସ୍ ମେଶିନ୍ ମାଧମରେ ସମସ୍ତ ହିତାଧିକାରୀଙ୍କୁ ଚାଉଳ ଓ ଗହମ ବଣ୍ଟନ କରାଯିବା କଥା। ତେବେ ୬ ରିଟେଲର ଏହି ନିର୍ଦ୍ଦେଶନାମାକୁ ନମାନି ଅଫଲାଇନ୍‌ରେ ବଣ୍ଟନ କରିଥିବା ହେତୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ତେବେ ବିଡିଓଙ୍କ ବଦଳି ପରେ ଏହା ଫାଇଲ ମଧରେ ଚାପି ହୋଇଯାଇଛି। ଗତ ୨୨ତାରିଖରେ ଏନେଇ ପୁନଃର୍ବାର ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର ରିଟେଲର ହୃଷୀକେଶ ଦାସ ୭ ହିତାଧିକାରୀଙ୍କ ଚାଉଳ ବର୍ଷବର୍ଷ ଧରି ହଡ଼ପ କରି ଚାଲିଛନ୍ତି। ସେମାନଙ୍କର ନାମ ନାହିଁ ବୋଲି କହି ସେମାନଙ୍କୁ ଚାଉଳ ଦିଆଯାଉ ନାହିଁ। ଚାରିନଙ୍ଗଳ ଗ୍ରାମର ଜୟରୁନ୍ ବିବି, ଜରିନା ଖାନ, ଅନୱାରି ବେଗମ, ନୁର୍ ଅଏସା, ମାମିନା ବିବି, ଭାନୁମତି ଦେଇ ଓ ସବିତା ବେହେରାଙ୍କ କ୍ରମିକ ସଂଖ୍ୟା ରହିଥିବାବେଳେ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ରହିଥିଲେ ମଧ ସେମାନଙ୍କୁ ଚାଉଳ ଦିଆଯାଉନାହିଁ। କେବଳ ଏତିକି ନୁହେଁ ୬୦ରୁ ୭୦କାର୍ଡକୁ ଜାଲ କରି ଅଫଲାଇନ୍ ମାଧମରେ ସାମଗ୍ରୀ ଉଠାଣ କରି ହଡ଼ପ କରାଯାଉଛି। ସରକାରଙ୍କ ନିୟମ ଅନୁଯାୟୀ ଅନ୍‌ଲାଇନ ମାଧ୍ୟମରେ ଫିଙ୍ଗର ପ୍ରିଣ୍ଟ ନେଇ ଚାଉଳ ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ହଡ଼ପ କରିବା ପାଇଁ କେତେକ ରିଟେଲର ଅଫଲାଇନ୍‌ର ବାଟ ବାଛି ନେଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସେକ୍ ସଲାଉଦ୍ଦିନ୍‌ଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ପାଇଛୁ। ଖୁବଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମ୍ପୃକ୍ତ ରିଟେଲରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ରମେଶ ଚନ୍ଦ୍ର ପରିଡ଼ା ପାଇବେ ଝୁମୁକା ପୁରସ୍କାର

ଭୁବନେଶ୍ୱର,୨୭।୧୨(ବ୍ୟୁରୋ) ସାହିତ୍ୟ ପତ୍ରିକା ଝୁମୁକା ପକ୍ଷରୁ ମଙ୍ଗଳବାର ଝୁମୁକା ପୁରସ୍କାର ୨୦୨୨ ଘୋଷଣା କରାଯାଇଛି। ବିଜ୍ଞାନ ଲେଖକ ପ୍ରଫେସର ରମେଶଚନ୍ଦ୍ର ପରିଡ଼ାଙ୍କୁ ଚଳିତ ବର୍ଷ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଲେଖିକା ତଥା ଅନୁବାଦିକା ଡ. ସଂଘମିତ୍ରା ଭଞ୍ଜ, ନଗେନ୍ଦ୍ରନାଥ ପଟ୍ଟନାୟକ ଓ ରବିନାରାୟଣ ସାହଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ଡିସେମ୍ବର ୩୦ରେ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯିବ।

# ବଢୁଛି ହାତୀ ଉପଦ୍ରବ


ଏକ ଦୋକାନରେ ପଶି ହାତୀ ଭଙ୍ଗାରୁଜା କରୁଛି ।

ଛତିଆ,୨୭।୧୨(ଡି.ଏନ.ଏ.): ବଢୁଛି ହାତୀ ଉପଦ୍ରବ। ଦିନକୁ ଦିନ ଆତଙ୍କିତ ଅବସ୍ଥାରେ ଜନସାଧାରଣ। ବନ ବିଭାଗ ଅପାରଗତା ପାଇଁ ଜନବସତି ମୁହାଁ ହେଉଛନ୍ତି ଗଜରାଜ। ଯାଜପୁର ଜିଲା ବୈରୀ ବନ ବିଭାଗ ଅଧୀନ ପାରିଆ, ସମିଆ, ସୋଲର ଓ ବୈରୀ ପଞ୍ଚାୟତ ସମେତ ପଶ୍ଚିମ ବଡ଼ଚଣାର ବିଭିନ୍ନ ଗ୍ରାମରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧାନ ଅମଳ ହେଉଥିବାରୁ ହାତୀପଲ କ୍ଷେତରେ ପସି କ୍ଷତି କରୁଥିବା ଦେଖିବାକୁ ମିଳୁଛି। ପାରିଆ ପଞ୍ଚାୟତର ବରୁଣିଆ ଗ୍ରାମରେ ସୋମବାର ଗୋଟିଏ ହାତୀ ଏକ ଦୋକାନ ନିକଟକୁ ଯାଇ ଭଙ୍ଗାରୁଜା କରିଥିଲା। ଏହାଦେଖି ଦୋକାନୀ ସେଠାରୁ ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେଣୁ ବନ ବିଭାଗ ତୁରନ୍ତ ହାତୀ ଘଉଡ଼ାଇବାକୁ ଦାବି ହୋଇଛି।

# ପିଲାଙ୍କୁ ଗଢ଼ି ତୋଳିବାରେ ଶିକ୍ଷକ, ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ**


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତି ବିଶେଷ ।

ଜେନାପୁର,୨୭।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ରେଖିଦେଇପୁର ସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ଉପସଭାପତି ତଥା ଶିକ୍ଷକ ଧ୍ରୁବଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗଦେଇ ସଂସାରରେ ଯେଉଁ ସମ୍ପ୍ରଦାୟର ଲୋକ ଅଛନ୍ତି ସମସ୍ତେ ସୁନ୍ଦର ମଣିଷ ହେବାକୁ ଚେଷ୍ଟା କରନ୍ତୁ ବୋଲି କହିବା ସହ ସେ କିପରି ପଦ୍ମଶ୍ରୀ ପାଇଲେ ତାଙ୍କର ଗୁଣମାନ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ)ଅକ୍ଷୟ କୁମାର ମଲିକ ଯୋଗଦେଇ ପିଲାଙ୍କୁ ଗଢ଼ି ତୋଳିବାରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ସିଦ୍ଧାର୍ଥ କେଶବ ଭରଦ୍ୱାଜ, ଅନ୍ୟତମ ଅତିଥି ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସ୍କୁଲ୍ ପ୍ରଧାନଶିକ୍ଷକ ଘନଶ୍ୟାମ ମହାରଣା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୫ ଗଣମଧମ ପ୍ରତିନିଧି, ୨୧ ଗ୍ରାମର ମୁରବୀ, ୩୫ କୃତୀ ଛାତ୍ରୀଛାତ୍ର, ୪୫ ପ୍ରତିଷ୍ଠାତା ସଦସ୍ୟ ଓ ୭ ପୁରାତନ ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୦୭ ମାଟ୍ରିକ ବ୍ୟାଚ୍ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଲଛମନ ବାରିକ, ସମ୍ପାଦକ ଲକ୍ଷ୍ମୀଧର ମଲ୍ଲ, ଅଜୟ ପରିଡ଼ା ଓ ଅଭିରାମ ରାଉତଙ୍କ ସମେତ ପୁରାତନ ଛାତ୍ର ସଂସଦ ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ। ଜୟନ୍ତୀ କମିଟି ଯୁଗ୍ମ ସମ୍ପାଦକ ଇନ୍ଦ୍ରଜିତ୍ ରାଉତ ଧନ୍ୟବାଦ ଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଚାଳକ ମୃତ

**କଟକ ସଦର,୨୭।୧୨(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲ ବନ୍ଧ ବିରିବାଟି-ଅଥଙ୍ଗା ରାସ୍ତାର ମହୁରା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ମଧ ଶାସନ ଗ୍ରାମ ତେନ୍ତରା ଭୋଇସାହିର ସାଗର ଭୋଇ(୨୮)ଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା ଅଟୋରେ ଯାଉଥିବା ୪ଜଣ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କଟକ ପଟୁ ବାଇକ୍(ନଂ.ଓଡ଼ି୦୫ବିସି-୨୬୯୬)ଟି ଯାଉଥିବାବେଳେ ଜଗତ୍‌ସିଂହପୁର ଆଡୁ ଆସୁଥିବା ଅଟୋ(ନଂ.ଓଡ଼ି୩୩ଭି-୫୪୫୯) ସହ ଧକ୍କା ହୋଇଥିଲା। ସମସ୍ତ ଗୁରୁତରଙ୍କୁ ପୋଲିସ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ସାଗରଙ୍କୁ ମୃତ ଘୋଷଣା କରିଥିଲେ।

### ଆଳିରେ ନୂଆ ତହସିଲଦାରଙ୍କ ଯୋଗଦାନ



**ଆଳି,୨୭।୧୨(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ତହସିଲରେ ନୂଆ ତହସିଲଦାର ଭାବେ ସୋମବାର ଦେବୀ ପ୍ରସାଦ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଚାର୍ଯ୍ୟ ପୂର୍ବରୁ ପୁରୀ ଜିଲା ସଦର ତହସିଲରେ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଆଳିର ପୂର୍ବତନ ତହସିଲଦାର ତପନ ସେନାପତିଙ୍କ ମୟୂରଭଞ୍ଜ ଜିଲାର ଗୋପବନ୍ଧୁ ନଗର ବ୍ଲକକୁ ବିଡିଓ ଭାବେ ବଦଳି ହୋଇଥିବା ସୂଚନା ମିଳିଛି। ଆଚାର୍ଯ୍ୟ ଆଳି ତହସିଲଦାର ଭାବେ ଯୋଗଦାନ କରିବା ପରେ ତହସିଲ, ଆଳି ବାର ଆସୋସିଏଶନର ଓକିଲ ଓ ଆଳି ନାଗରିକ ମଞ୍ଚର ସଦସ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଆଳି ତହସିଲକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ କିପରି ଠିକ୍ ଭାବେ ହୋଇପାରିବ ସେଥିପ୍ରତି ସେ ଯତ୍ନବାନ ହେବେ ବୋଲି ତହସିଲଦାର ଆଚାର୍ଯ୍ୟ କହିଛନ୍ତି।

### ଓମ୍ଫା ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ

**ପାରାଦୀପ,୨୭।୧୨(ସ୍ୱ.ପ୍ର.):** ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ଫା) ପକ୍ଷରୁ ମଙ୍ଗଳବାର ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ଓ ମାଛଧରା ବନ୍ଦର ପରିସରରେ ଥିବା ପ୍ରାକ୍ତନ ସଭାପତି ତରୁଣ କୁମାର ପଟ୍ଟନାୟକଙ୍କ ୧୮ ତମ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସଂଘ ସଭାପତି ଶ୍ରୀକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରମୁଖ କର୍ମକର୍ତ୍ତା ଅରବିନ୍ଦ ସ୍ୱାଇଁ, ବସନ୍ତ କୁମାର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସରୋଜ ବୋଇତେଲ, ସୁରେଶ ଚନ୍ଦ୍ର ବରାଳ, ପୁରନ୍ଦର ବିଶ୍ୱାଳ, ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ସଂକ୍ରମଣ ପ୍ରତିହତ ପାଇଁ ମକ୍ ଡ୍ରିଲ୍

**କେନ୍ଦ୍ରାପଡ଼ା ଅଫିସ, ୨୭।୧୨**



ଜିଲା ମୁଖ୍ୟ ଚିକିତ୍ସାଳୟରେ ମକ୍‌ଡ୍ରିଲ ଚାଲିଛି।

- ଜିଲାରେ ପ୍ରସ୍ତୁତ ୭ ଭେଣ୍ଟିଲେଟର ସହ ୨୦ ବେଡ୍
- ତୃତୀୟ ଡୋଜ୍ ଭାକ୍‌ସିନ ଅପେକ୍ଷାରେ ପ୍ରାୟ ୪ ଲକ୍ଷ ଲୋକ

ଚାଇନା ସମେତ ଅନ୍ୟ କେତେଗୋଟି ଦେଶରେ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଚଳଚଞ୍ଚଳ ହୋଇଛନ୍ତି। ସଂକ୍ରମଣକୁ ପ୍ରତିହତ ପାଇଁ ମକ୍ ଡ୍ରିଲ ସହ ଆନୁଷଙ୍ଗିକ ବ୍ୟବସ୍ଥାର ତନଖି କରାଯାଉଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହିକ୍ରମରେ ମଙ୍ଗଳବାର ଏକ ମକ୍ ଡ୍ରିଲ ହୋଇଯାଇଛି। ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ଡମି ସଂକ୍ରମିତଙ୍କୁ ଶାମଗୁଡିଆସ୍ଥିତ ନବନିର୍ମିତ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥାକୁ ତନଖି କରାଯାଇଛି। ଅପରପକ୍ଷରେ ଜିଲାର ସ୍ୱାସ୍ଥ୍ୟସେବା ଓ ବ୍ୟବସ୍ଥାର ଅଧୋଗତି ହୋଇଥିବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ, ରବୀନ୍ଦ୍ର କୁମାର ଦାସ, ରବି ନାରାୟଣ ପତି, ବୀରେନ କୁମାର ଦାସ, ପ୍ରସନ୍ନ କୁମାର ଧଳ ପ୍ରମୁଖ କହିଛନ୍ତି, ୨୦୨୦ ଏପ୍ରିଲ ୭ରୁ କରୋନା ସଂକ୍ରମିତଙ୍କୁ ଜିଲାରେ ଚିହ୍ନଟ କରାଯାଉଛି। ଏଥିପାଇଁ ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ସେଣ୍ଟର ଖୋଲିବାଠାରୁ ସ୍ଥାନୀୟ ଜିଲାବାସୀଙ୍କୁ ଭାକ୍‌ସିନ ଯୋଗାଇ ଦିଆଯାଉଥିଲା। ତେବେ ସମ୍ଭାବ୍ୟ ଚତୁର୍ଥ ଲହରକୁ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ପରିଚାଳନାକୁ ନେଇ ସନ୍ଦେହ ଅଛି। ଶାମଗୁଡିଆସ୍ଥିତ ନବନିର୍ମିତ ମାତୃ ମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଗୃହକୁ ମୁଖ୍ୟମନ୍ତ୍ରୀ ଗତ ବର୍ଷକ ମଧ୍ୟରେ ୨ ଥର ଉଦ୍‌ଘାଟନ କରିଛନ୍ତି। ହେଲେ ଅଦ୍ୟାବଧି ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏବେବି ପୁରୁଣା ସ୍ଥାନରେ ମାତୃ ମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଜନ୍ମ ନେଉଛନ୍ତି। ସେହିପରି ଡାକ୍ତର, କର୍ମଚାରୀଙ୍କ ଅଭାବ ସମ୍ଭାବ୍ୟ ସଂକ୍ରମଣ ଓ ଚିକିତ୍ସା ସେବା ଯୋଗାଇବାକୁ ଅକ୍ଷମ ହେବ। ଏହାବ୍ୟତୀତ ହିତାଧିକାରୀଙ୍କୁ ଭାକ୍‌ସିନ ଯୋଗାଣ ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ଦୂରରେ ଅଛି। କୋଭିଡ୍ ୧୯ ଡ୍ୟାସ ବୋର୍ଡ ତଥ୍ୟ ଅନୁଯାୟୀ ବୁଷ୍ଟର ଡୋଜ ଅପେକ୍ଷାରେ ୩,୮୭,୩୦୯ ଜଣ ଅଛନ୍ତି। ଏହି ଜିଲାରେ ମୋଟ ୫୨,୧୯୪ ଜଣଙ୍କୁ କୋର୍ବେଭାକ୍ସ ଭାକ୍‌ସିନ ଲଗାଇବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ୧୨ରୁ ୧୪ ବର୍ଷ ମଧ୍ୟରେ ଥିବା କିଶୋର ଏହି ଭାକ୍‌ସିନର ପ୍ରଥମ ଡୋଜ ନେଇଥିବା ବେଳେ ଦ୍ୱିତୀୟ ଡୋଜ ୮୨ ପ୍ରତିଶତ ନେଇଛନ୍ତି। ସେହିପରି ୧୫ରୁ ୧୮ବର୍ଷ ବୟସ୍କଙ୍କୁ ଧାର୍ଯ୍ୟ ଲକ୍ଷ୍ୟ ୮୨,୧୦୦ ମଧ୍ୟରୁ କୋଭାକ୍ସିନର ପ୍ରଥମ ଡୋଜ ୮୭ ଓ ଦ୍ୱିତୀୟ ଡୋଜ ୮୬ ପ୍ରତିଶତ ଦିଆଯାଇଛି। ୧୧, ୦୬୯୮୫ ଜଣ ୧୮ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ କୋଭିସିଲଡ୍ ଭାକ୍‌ସିନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଡୋଜ ୯୩ ପ୍ରତିଶତ ଓ ଦ୍ୱିତୀୟ ଡୋଜ ୮୯ ପ୍ରତିଶତ ପାଇଛନ୍ତି। ବୁଷ୍ଟର ଡୋଜ ପାଇଁ ଅଦ୍ୟାବଧି ପ୍ରାୟ ୪ ଲକ୍ଷ ଲୋକ ଅପେକ୍ଷା କରିଛନ୍ତି। ମାତ୍ର ଜିଲାରେ ମାଗଣା ବୁଷ୍ଟର ଡୋଜ ବନ୍ଦ ହୋଇଛି। ଟିକାକରଣ ନ ହେଲେ ସଂକ୍ରମଣ ଅଧିକ ହେବ। ଗତ ୨ ବର୍ଷ ମଧ୍ୟରେ ଜିଲାରୁ ୨୮,୩୭୬ ଜଣ ସଂକ୍ରମିତ ହୋଇଥିବା ବେଳେ ସରକାରୀ ତଥ୍ୟରେ ୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏହି ସଂଖ୍ୟାଠାରୁ ଢେର ଅଧିକ ଲୋକ କରୋନା ସଂକ୍ରମଣରେ ଜୀବନ ଯାଇଛି। ସେହିପରି ସ୍ୱାସ୍ଥ୍ୟ କର୍ମୀଙ୍କ ଅବହେଳା ଯୋଗୁ ଆଗାମୀ ସଂକ୍ରମଣ ପ୍ରତି ଆଶଙ୍କା ଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ରଙ୍କୁ ପଚାରିବାରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୭୦ ଶଯ୍ୟା ମଧ୍ୟରୁ ୭ ଭେଣ୍ଟିଲେଟର ଆଇସିୟୁ ଓ କରୋନା ସଂକ୍ରମିତଙ୍କ ପାଇଁ ୨୦ଟି ଅବଜରଭେସନ ଶଯ୍ୟା ପ୍ରସ୍ତୁତ କରାଯାଇଛି। ଅକ୍ସିଜେନ ପାଇପ ଲାଇନ ସପ୍ଲାଇରୁ ପ୍ରତ୍ୟେକ ବେଡ୍‌କୁ ସଂଯୋଗୀକରଣ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଭାକ୍‌ସିନ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

# ଦୁର୍ବୃତ୍ତ ଜାଳିଦେଲେ ୨ ଧାନଗଦା

**ରାଜନଗର, ୨୭।୧୨(ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗ୍ରାମର ଶିବାନନ୍ଦ ପାତ୍ରଙ୍କ ଖଳାରେ ଦୁଇଟି ବଡ଼ ଧାନଗଦାକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଏ ନେଇ ରାଜନଗର ଥାନା ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିବା ନନ୍ଦ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ରାତି ୧୦ଟା ୧୫ମିନିଟ୍‌ରେ ପୁଅ ସହ ଖଳାରୁ ଫେରିବା ପରେ କେହି ଦୁର୍ବୃତ୍ତ ଗଦା ଚାରିପଟରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଜଳିବା ପରେ ଆମେ ଘରୁ ଖଳାକୁ ଧାଇଁଯାଇ ଆୟତ୍ତ ପାଇଁ ଚେଷ୍ଟା କରିଥିଲୁ। ହେଲେ ୧୦ ହଜାର କଳେଇରେ ହୋଇଥିବା ୨ଟି ଧାନ ଗଦାରେ ନିଆଁ ଲାଗିବାରୁ ୪୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପୋଡି ନଷ୍ଟ ହୋଇଯାଇଛି। ଅବଶିଷ୍ଟ ଧାନକୁ ପାଣି ପକାଇ ଉଦ୍ଧାର କଲାବେଳେ ପାଖରେ ଥିବା ଧାନ ମଧ୍ୟ ନଷ୍ଟ ହୋଇଯାଇଛି। ଦୁର୍ବୃତ୍ତ ଚତୁରତାର ସହ ଗାଁରେ ଥିବା ବିଦ୍ୟୁତ୍ ଟ୍ରାନଫର୍ମରୁ ବିଦ୍ୟୁତ୍ କାଟି ଏହି ଅଗ୍ନିକାଣ୍ଡ ଭିଆଇ ଥିଲା। ଖବରପାଇ ରାଜନଗର ଅଗ୍ନିଶମ ବିଭାଗର ଗାଡି ପହଞ୍ଚିବା ବେଳକୁ ବର୍ଷକର ଦାନା ପୋଡି ପାଉଁଶ ହୋଇଯାଇଥିଲା। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ବର୍ଷକର ହରାଇଥିଲୁ। ଏ ବର୍ଷ ୫୦ ହଜାର ଟଙ୍କା କରଜ କରି ଭାଗରେ ଜମି ଆଣି ଧାନ ଚାଷ କରିଥିଲି। କିନ୍ତୁ ଦୁର୍ବୃତ୍ତ ଜଣକ ମୋ ପରିବାରକୁ ସର୍ବସ୍ୱାନ୍ତ କରି ଦେଇଛି ବୋଲି ଶିବା ନନ୍ଦ ପ୍ରକାଶ କରିଛନ୍ତି। ଅଭିଯୋଗ ପାଇବା ପରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ନିର୍ଦ୍ଦେଶକ୍ରମେ କେରେଡାଗଡ ରାଜସ୍ୱ ନିରୀକ୍ଷକ ଦୀପକ କୁମାର ବେହେରା ଚମ୍ପାଦିଆ ଗାଁରେ ପହଞ୍ଚି ଦୁର୍ବୃତ୍ତ ପୋଡି ଦେଇଥିବା ଧାନର କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରିଛନ୍ତି।

# ୩ ସିଲିଣ୍ଡର ବୋଟ୍ ଜବତ, ୧୪ ମତ୍ସ୍ୟଜୀବୀ ଗିରଫ



ଗିରଫ ମତ୍ସ୍ୟଜୀବୀମାନେ।

**ରାଜନଗର, ୨୭।୧୨(ଡି.ଏନ.ଏ.)**

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୩ଟି ଟୁ ସିଲିଣ୍ଡର ବୋଟକୁ ମଙ୍ଗଳବାର ଜବତ କରିବା ସହ ଏଥିରେ ଥିବା ୧୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନ କୁମାର ମଲିକ, ପ୍ରଫୁଲ୍ଲ କୁମାର ମାଝି, ସୁରେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବନ କର୍ମଚାରୀ ବିରଳ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ଅଗରନାସୀଠାରୁ ୯ କିମି ଦୂରରେ ଦୁର୍ଗା ମା’, ମା’ ରାମଚଣ୍ଡୀ-୨୩୫, ଧନଲକ୍ଷ୍ମୀ ନାମକ ୩ଟି ଟୁ ସିଲିଣ୍ଡର ବୋଟକୁ ଜବତ କରିଛନ୍ତି। ଏହି ବୋଟରେ ଥିବା ସିଏଚ୍ ଆମରୁନ, ଡି. ପୋଲସ, ଏ. ଆପ୍ପାରାଜୁ, ଆର. ଗୋବିନ୍ଦ, କେ. ଭାସ୍କର, ତିରି ଧାଣ୍ଡୁ, ଏଲ. ରାମା ରାଓ, କେ. ଜଗନ୍ନାଥ, ଏମ. ବାବାଜୀ, ପି. ତ୍ରିନାଥ, ପି. କାମାରାଜୁ, ଦୁମୁ ସତ୍ୟା, ଜି. ନରେଶ, ଏମ. ରାମବାବୁ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏହି ୩ଟି ବୋଟରୁ ୩ଟି ଜାଲ ଜବତ ହୋଇଛି।

# କଳାକାର ସହାୟତା ଅଡିଶନ ଶେଷ



ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଚାରକମାନେ କଳାକାରଙ୍କ ପ୍ରତିଭା ଚୟନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୨୭।୧୨(ସ୍ୱ.ପ୍ର.)**

**ପଟ୍ଟାମୁଣ୍ଡାଇ ବ୍ଲକରୁ ୩୧୪ ଜଣ ଭାଗ ନେଲେ**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଚୟନ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ଯୋଗ୍ୟତା ପରୀକ୍ଷା କାର୍ଯ୍ୟକ୍ରମ ୨୧, ୨୨, ୨୩, ୨୬, ୨୭ ତାରିଖ କାର୍ଯ୍ୟକ୍ରମ ଚାଲୁ ରହି ମଙ୍ଗଳବାର ଶେଷ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ସହାୟତା ପାଇଁ ଗାଁ ଗହଳିରୁ କଳାକାରମାନେ ଆସି ବିଭିନ୍ନ କଳା ପ୍ରଦର୍ଶନ କରି ନିଜର ପ୍ରତିଭା ଦେଖାଇଛନ୍ତି। ଏହି ଯୋଜନାରେ କଳାକାରମାନଙ୍କୁ ମାସିକ ୧୨ଶହ ଟଙ୍କା ଲେଖାଏ ଭତ୍ତା ଦିଆଯିବା ବ୍ୟବସ୍ଥା ରହିଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତ ୩୪୯ ଜଣ କଳାକାର ସହାୟତା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୩୧୪ ଜଣ କଳାକାର ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ।

ବ୍ଲକରୁ ଭିନ୍ନଭିନ୍ନ ବର୍ଗର କଳାକାର ଆସି ନିଜ ନିଜ ପ୍ରତିଭା ପ୍ରଦର୍ଶିତ କରି ଯୋଗ୍ୟତା ପ୍ରତିପାଦନ କରିଛନ୍ତି। ଏହିଚୟନ ପ୍ରକ୍ରିୟାରେ ବିଚାରକ ଭାବେ ପାଲା ଗାୟକ ଦଣ୍ଡହରି ପଣ୍ଡା, ସଙ୍ଗୀତ ଶିକ୍ଷକ ରବୀନ୍ଦ୍ର ନାଥ ମିଶ୍ର, ପ୍ରମୋଦ କୁମାର ଦାଶ, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ମହାରଣା, ଏବିଡିଓ ସନ୍ତୋଷ ମନ୍ତ୍ରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁ ଓ ସସ୍ମିତା ଖଟୁଆ ପ୍ରମୁଖ ଯୋଗଦେଇ କଳାକାର ଚୟନ କରଛନ୍ତି।

ପ୍ରକାଶଥାଉ କି ପରିଣତ ବୟସର କଳାକାରମାନେ ନିଜର କଳା ଦେଖାଇ ଭତ୍ତା ପାଇଁ ଧାଇଁ ଆସିଛନ୍ତି। ପରିଣତ ବୟସରେ ଯେଉଁମାନେ ପହଞ୍ଚିଲେଣି ସେମାନଙ୍କର ପ୍ରତିଭା କିଛି ମାତ୍ରାରେ ଏପଟ ସେପଟ ହେବ। ହେଲେ ଏଭଳି ପରିସ୍ଥିତିରେ କିଭଳି ଚୟନ ଠିକ୍ ହେବ ଆଶା ଆଶଙ୍କାରେ କଳାକାରମାନେ ଅଛନ୍ତି।

### ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ରାହାମା,୨୭।୧୨ ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତସ୍ଥିତ ମକର ପଡ଼ିଆ ନିକଟରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲ ରାହାମାର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ଏସ୍‌ପି ପ୍ରଶାନ୍ତ କୁମାର ମାଝି ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମୁଖ୍ୟବକ୍ତା ଭାବେ ରାହାମା ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ, ସାଇଲୋ ପଞ୍ଚାୟତ ସରପଞ୍ଚ ସରୋଜ କୁମାର ସେଠୀ, ତାଳପଡା ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ଲେଙ୍କା, ପୋତନାଇ ସରପଞ୍ଚ ବ୍ରଜକିଶୋର ମହାରାଜ, ବିଦ୍ୟାଳୟ ପରିଚାଳନା ସମିତି ନିର୍ଦ୍ଦେଶକ ଡ.ସୁନାକର ବେହେରା, ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକ ବସନ୍ତ କୁମାର ଦାସ,ବିଦ୍ୟାଳୟ ପରିଚାଳନା ସଭ୍ୟା ବିଭୁଷିତା ଦାସ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ସ୍ୱାଇଁ କ୍ରୀଡ଼ା ପରିଚାଳନା କରିଥିବାବେଳେ ଗୋଲେଖ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ପୋଖରୀରୁ ସନ୍ଦେହଜନକ ଭାବେ ବୃଦ୍ଧଙ୍କ ମୃତଦେହ ଜବତ

**ଡେରାବିଶ, ୨୭।୧୨(ସ୍ୱ.ପ୍ର.)**

ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ଗାଁରେ ଥିବା ଏକ ପୋଖରୀରେ ସନ୍ଦେହଜନକ ଭାବେ ଜଣେ ବୃଦ୍ଧଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ଜବତ କରାଯାଇଛି। ମୃତକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ଗାଁର ବଂଶୀଧର ମୁଦୁଲି (୬୨)। ସନ୍ଧ୍ୟାରେ ଗାଁର କେତେଜଣ ଲୋକ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇ ଥିଲେ। ଏ ନେଇ ଗାଁରେ ଖବର ଦେବାରେ ବଂଶୀଧରଙ୍କ ପରିବାର ଲୋକ ପୋଖରୀ ନିକଟରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଏ ନେଇ ଖବରପାଇ ଏସ୍‌ଆଇ ନାରାୟଣ ମହାରଣା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତିରେ ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଗତ ୨୩ ତାରିଖ ସନ୍ଧ୍ୟାରେ ବଂଶୀଧର ଲକ୍ଷ୍ମୀନାରାୟଣପୁର ଛକକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତିଯାଏ ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ମଧ୍ୟ ବଂଶୀଧରଙ୍କ କୌଣସି ପତ୍ତା ପାଇ ନ ଥିଲେ।

ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ବଂଶୀଧର ସ୍ତ୍ରୀ ସଂଯୁକ୍ତା ଥାନାରେ ୨୪ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ କେଉଁ କାରଣ ଓ ପରିସ୍ଥିତିରେ ବଂଶୀଧରଙ୍କ ମୃତ୍ୟୁ ହୋଇଛି ସେ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ରିପୋର୍ଟ ଲେଖା ହେବା ଯାଏ ଘଟଣାସ୍ଥଳରେ ପୋଲିସ ମୃତକଙ୍କ ପାରିପାର୍ଶ୍ୱିକ ପରିସ୍ଥିତିରେ ଯାଞ୍ଚ କରୁଛି।

# ଏତଲାକାରୀଙ୍କ ସ୍ୱାମୀଙ୍କୁ ପୋଲିସ ସଜାଇଲା ଅଭିଯୁକ୍ତ

**ରାଜକନିକା,୨୭।୧୨ (ଡି.ଏନ.ଏ.)**

ପୋଲିସର ଅଜବ ନ୍ୟାୟ, ଏତଲାକାରୀଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତ ସଜାଇଛି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ରାଜକନିକା ଥାନା ସଦର ଅଞ୍ଚଳର ଗଞ୍ଜା ଗାଁରେ। ସୂଚନାଯୋଗ୍ୟ, ଗଞ୍ଜା ଗାଁର ଆଶା କର୍ମୀ ଭାବେ କାର୍ଯ୍ୟରତ କବିତା ବେହେରାଙ୍କ ଥିବା ବାସସ୍ଥାନ ଘରବାଡ଼ିକୁ ନେଇ ପଡୋଶୀଙ୍କ ସହ ଦୀର୍ଘ ୨ବର୍ଷ ହେବ ବିବାଦ ଲାଗି ରହିଥିଲା। ଏ ନେଇ ଅନେକଥର କବିତା ଥାନାର ଦ୍ୱାରସ୍ଥ ହୋଇ କିଛି ସୁଫଳ ପାଇ ନ ଥିଲେ। ଦୁଇଦିନ ତଳେ ଘରେ କବିତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପଡୋଶୀ ଏକ ପାଣିପାଇପକୁ କୌଣସି ଧାରୁଆ ଅସ୍ତ୍ର ସାହାଯ୍ୟରେ କାଟି ଦେଇଥିଲେ। କବିତା ମେଡିକାଲ ଡିୟୁଟି ସାରି ଘରକୁ ଫେରି ଦେଖନ୍ତି ତ ଘରଦ୍ୱାର ପାଣିରେ ଭାସୁଛି। ଏ ସମ୍ପର୍କରେ ପଡୋଶୀଙ୍କୁ ପଚାରିବାରୁ ସେମାନେ ଉତକ୍ଷିପ୍ତ ହୋଇ ଜୀବନରୁ ମାରିଦେବା ସହ କବିତାଙ୍କ ଘରକୁ ନିଆଁ ଲଗେଇ ପୋଡି ଦେବାକୁ ଧମକ ଦେଇଥିଲେ। ଏ ନେଇ କବିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ପଡୋଶୀଙ୍କ ନାମ ବଦଳରେ ଏତଲାକାରୀ କବିତାଙ୍କ ସ୍ୱାମୀ ବିଜୟ ସେନାପତିଙ୍କ ନାମରେ ମାମଲା ରୁଜୁ କରି ଅଭିଯୁକ୍ତ ସଜାଇ ଥିଲା। ବିଜୟଙ୍କ ନାମରେ ମାମଲା ଥିବା ଜାଣି କବିତା ବୁଝିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭୁଲରେ ଆପଣଙ୍କ ସ୍ୱାମୀଙ୍କ ନାମ ଟାଇପ୍ ହୋଇଯାଇଛି ବୋଲି ଉତ୍ତର ପାଇଥିଲେ। ଏ ନେଇ ଏତଲାକାରୀ କବିତା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଇଛନ୍ତି। ତେବେ ଏଠି ପ୍ରଶ୍ନ ୫ଟି ତତ୍ତ୍ୱାଧାନରେ ଥିବା ଡିଜିଟାଲ ଥାନାରେ କ’ଣ ଅଣକୌଶଳି ଷ୍ଟାଫ ରହିଛନ୍ତି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରେ କମ୍ପ୍ୟୁଟର ଟାଇପ୍ କରିବା ସମୟରେ ଏହା ଭୁଲ୍ ହୋଇଛି ବୋଲି ସେ କହିଥିଲେ।

# ଜୈବିକ ସାର ପ୍ରୟୋଗକରି ଡ୍ରାଗନ ଚାଷ

**ମହାକାଳପଡ଼ା ୨୭।୧୨ (ଡି.ଏନ.ଏ.)**

**ଚର୍ଚ୍ଚାରେ ପରିବେଶବିତ୍ ସମରେନ୍ଦ୍ର ମାହାଳି**

ଚାଷୀଟିଏ ଚାଷ କରି ଅଭାବୀ ବିକ୍ରି ବଟାର ସମ୍ମୁଖୀନ ହେଉଛି। ନିଜସ୍ୱ ଜମିକୁ ଅନ୍ୟକୁ ଭାଗ ଦେଇ ଦେଉଛନ୍ତି। ଠିକ୍ ସେତିକି ବେଳେ ଯୁବ ପରିବେଶବିତ୍ ଜୈବିକ ସାର, କୀଟ ନାଶକ ପ୍ରୟୋଗ କରି ଭିଏତ୍‌ନାମର ଡ୍ରାଗନ୍ ଫଳକୁ ନିଜର ଟାଙ୍ଗରା ଭୂଇଁରେ ଚାଷ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଖାଲି ସେତିକି ନୁହେଁ, ନିଜର ଖୁବ୍ ସ୍ୱଳ୍ପ ଜମିରେ ଏକ ପୋଖରୀରେ ବିଭିନ୍ନ ପ୍ରକାରର ମାଛ ଚାଷ କରିବା ସହ ପୋଖରୀ ହୁଡ଼ାରେ ୬୦ରୁ ଅଧିକ ବିଭିନ୍ନ କିସମର ଦେଶୀ ଓ ବିଦେଶୀ ଫଳ ଚାଷ କରିଥିବା ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଡ଼କଣି ପଞ୍ଚାୟତ ଛପାଲୀ ଗାଁର ଯୁବ ପରିବେଶବିତ୍ ସମରେନ୍ଦ୍ର ମହାଳିଙ୍କ ବାଡିରେ ବିଭିନ୍ନ ପ୍ରକାର ଫୁଲ, ଫଳ ଦେଖିବାକୁ ମିଳିଛି। ଏହା ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ଚାଷ କରାଯାଉଛି। ବଜାରରେ ମିଳୁଥିବା ଫଳଠାରୁ ଏହା ଖୁବ୍ ସ୍ୱାଦିଷ୍ଟଯୁକ୍ତ। ତେବେ ମାହାଳିଙ୍କ କହିବା କଥା, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଭାରତର ବିଭିନ୍ନ ରାଜ୍ୟ ତଥା ଦିଲ୍ଲୀ, ହରିୟାଣା, ଚେନ୍ନାଇ, ବାଙ୍ଗାଲୁରୁ, ଗୁଜରାଟ ଆଦି ଅଞ୍ଚଳ ବୁଲିବା ପରେ ସେଠାକାର ଜଳବାୟୁରେ ଫଳ ଚାଷ ପ୍ରଣାଳୀକୁ ଦେଖି ଖୁବ୍ ବିମୋହିତ ହୋଇ ନିଜେ କିଛି କରିବାକୁ ସଂକଳ୍ପ ନେଇଥିଲି। ପରେ ସ୍ୱଳ୍ପ ଟାଙ୍ଗରା ଜମିରେ ଏହି ଫଳ ଚାରାଗୁଡିକ କୋଲକାତାରୁ ଅନ୍‌ଲାଇନରେ ମଗାଇ ବାଡିରେ ରୋପଣ କରିଥିଲେ। ପରେ ଚାରା ମୂଳରେ ଜୈବିକ ଖତ ଅଣୁସାର ପ୍ରୟୋଗ କରିଥିଲି। ଏହାର କିଛି ମାସ ପରେ ଗଛଗୁଡିକରେ ଫୁଲ, ଫଳ ଧରିବାରୁ ରୋଗ ପ୍ରତିଷେଧକ ଭାବେ



ବାଡିରେ ଡ୍ରାଗନ୍ ଚାଷ କରି ଚର୍ଚ୍ଚାର ସମରେନ୍ଦ୍ର ମାହାଳି।

ଜୈବିକ ଉପାୟରେ ଗୋ ମୂତ୍ର, କାକର ଜଳ, ବର୍ଷା ଜଳ, ଶୁଖିଲା ଗୋବର, ସୋରିଷ ପିଡ଼ିଆ, ବେସନ, ଗୁଡ଼, ନିମ୍ବ ଓ କରଞ୍ଜ ପତ୍ରକୁ ମିଶାଇ ଏକ ନିବୁଜ ମାଟି ପାତ୍ରରେ ୭ଦିନ ପର୍ଯ୍ୟନ୍ତ ବନ୍ଦ କରି ରଖାଯାଇଥିଲା। ପରେ ଉକ୍ତ ମିଶ୍ରଣକୁ କୀଟନାଶକ ଭାବେ ସିଞ୍ଚନ କରାଯାଉଛି; ଯାହାଫଳରେ ଏହି ଗଛରେ ଫଳି ଥିବା ଫଳ ସାମ୍ପ୍ରତିକ ବଜାରରେ ମିଳୁଥିବା ଫଳ ତୁଳନାରେ ଢେର୍ ଉନ୍ନତମାନର ବୋଲି କୁହାଯାଇଛି। ଉକ୍ତ ହୁଡ଼ାରେ ଫଳୁ ଥିବା ଫଳ ମଧ୍ୟରେ ରହିଛି ଡ୍ରାଗନ୍, କଶ୍ମୀରୀ ଆପଲ, ଥାଇଲାଣ୍ଡ ଆପଲ ବାର, ଚାଇନା କମଳା, ଜାମୁ ତୋଳ, ବାନାନା ଆମ୍ବ, ଥାଇ ପିଜୁଳି, କରମଙ୍ଗା, ଆଣ୍ଡାମାନ ଲଙ୍କା (ମିରିଚି ), ସପେଟା, ମୌସମୀ, ଇନୋ ଭଳି ବିଭିନ୍ନ ଦେଶୀୟ ଓ ବିଦେଶୀ ଫଳ ଏବେ ଫଳି ଥିବା ଦେଖିବାକୁ ମିଳିଛି। ଏହି ଦେଶୀ ବିଦେଶୀ ଫଳଗୁଡ଼ିକ ଦେଖିବାକୁ ମାହାଳିଙ୍କ ବାଡିରେ ଏବେ ଲୋକଙ୍କ ଭିଡ ହେଉଛି। ଉପକୂଳ ଅଞ୍ଚଳରେ ଡ୍ରାଗନ୍ ଭଳି ବିଦେଶୀ ଫଳ ଫଳିବାର ଉପଯୁକ୍ତ ଜଳବାୟୁ ସହାୟକ ହୋଇପାରିଛି। ସାପ୍ତାହିକ ବଜାରରେ ଡ୍ରାଗନ୍ କିଲୋ ପ୍ରତି ୩ ଶହରୁ ୪ଶହ ଟଙ୍କା ରହିଛି। ସ୍ଥାନୀୟ ବେକାର ଯୁବତୀଯୁବକମାନେ ଦାଦନ ଖଟିବାକୁ ନ ଯାଇ ଯଦି ଏହି ଚାଷ ପ୍ରତି ମନ ବଳାଇବେ ତାହା ହେଲେ ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଚାଷ କରି ଲାଭବାନ ହୋଇପାରିବେ ବୋଲି ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼, ୩ ଜେଲ ଗଲେ

ନୟାଗଡ଼ ଅଫିସ,୨୭।୧୨: ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼ମରା ଘଟଣାରେ ଇଟାମାଟି ଥାନା ପୋଲିସ ସୁବଳୟାର ରଞ୍ଜନ କୁମାର ହାତୀ(୨୯), ନାଟୁଗାଁର ଦିଲ୍ଲୀପ କୁମାର ନାୟକ(୩୫) ଓ ଲକ୍ଷ୍ମୀଧର ଦାସ(୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଶରଧାପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସ୍ୱାମୀ ସନ୍ତୋଷ କୁମାରଙ୍କୁ ଗତ ୨୫ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୦୯/୨୨) ରୁଜୁ କରି ତଦନ୍ତ କରିଥିଲା । ପାଲାଗୁଣ୍ଡୁଣିଠାରେ ସନ୍ତୋଷ ନିଜ ପଥରଖଣିରେ ଥିବାବେଳେ ସେଠାରେ ୧୦ରୁ ଊର୍ଦ୍ଧ୍ୱ ଲୋକ ମିଳିତ ହୋଇ ଆକ୍ରମଣ କରିଥିଲେ । ଆକ୍ରମଣକାରୀ ସନ୍ତୋଷଙ୍କ ଟ୍ରାକ୍ଟର ଓ ଏକ ଗାଡ଼ିକୁ ଭାଙ୍ଗି ଦେଇଥିଲେ। ପଥରଖଣିକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା ।

### ଟ୍ରାକ୍ଟର ସହ ଆମ୍ବ ଗଣ୍ଡି ଜବତ: ଅଭିଯୁକ୍ତ ଫେରାର

ବୁଗୁଡା,୨୭।୧୨(ଡି.ଏନ.ଏ.)-ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଗୋଲିଆ ନିକଟସ୍ଥ କୋଇଲେଣ୍ଡି ଛକଠାରେ ମଙ୍ଗଳବାର ସକାଳ ୭ ଟାରେ ବନ ବିଭାଗ ପକ୍ଷରୁ ଏକ ଟ୍ରାକ୍ଟର ସହ ୧୧ ବିଶାଳ ଆମ୍ବ ଗଣ୍ଡି ଜବତ କରାଯାଇଛି। ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରୁ ବ୍ୟାପକ ଚୋରା କାଠ ଚାଲାଣ ହେଉଥିଲା। ଭଞ୍ଜନଗର ଫରେଷ୍ଟ ମୋବାଇଲ ଷ୍ଟାଫ୍, ପୋଲସରା ରେଞ୍ଜ ଓ ବୁଗୁଡା ରେଞ୍ଜ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ସେଠାରୁ ଏକ ଟ୍ରାକ୍ଟର ସହ ସେଥିରେ ଥିବା ପ୍ରାୟ ୫୬ ଘନଫୁଟ କାଠ ବିଶିଷ୍ଟ ୧୧ ବିଶାଳ ଆମ୍ବ ଗଣ୍ଡି ଜବତ କରିଥିଲେ। ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିବା ଖବର ପାଇ ଟ୍ରାକ୍ଟର ଚାଳକ ଜଣଙ୍କ ଫେରାର ହେବାରେ ସକ୍ଷମ ହୋଇଥିବା ଜଣାପଡିଛି। ଆମ୍ବ ଗଣ୍ଡି ବୋଝେଇ ଟ୍ରାକ୍ଟରଟି ଆମ୍ବିଲିଝର ଦେଇ ଚିରିକିପଡା ଶାସନ ଯାଉଥିବା ସନ୍ଦେହ କରାଯାଇଛି। ଏ ନେଇ ବୁଗୁଡା ବନବିଭାଗ ପକ୍ଷରୁ ୟୁଡି ନଂ ୨୦/୨୨-୨୩ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

### ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ସୋରଡା,୨୭।୧୨(ଡି.ଏନ.ଏ.)- ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ୮ଦିନିଆ ସ୍ୱତନ୍ତ୍ର ଶିବିର ବୁଧବାର ଉଦଯାପିତ ହୋଇଛି। ସଂଯୋଜକ ହୃଷିକେଶ ମିଶ୍ରଙ୍କ ଦ୍ୱାରା ପରିଚାଳିତ ଏହି ଶିବିର ବୋରାଶିଙ୍ଗି ପଞ୍ଚାୟତ ରେଣ୍ଟି ଗ୍ରାମରେ ଚାଲିଥିଲା। ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି କେନ୍ଦ୍ର , ବିଦ୍ୟାଳୟ, ଗ୍ରାମରାସ୍ତା ସଫେଇ କରିବା ସହ ସ୍ୱଚ୍ଛ ପରିବେଶ ଲାଗି ଯତ୍ନବାନ ହେବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ।ଏଥିସହ ପ୍ରତିଦିନ ସନ୍ଧ୍ୟାରେ ପ୍ରଥପ୍ରାନ୍ତ ନାଟକ ମାଧମରେ ଯୌତୁକ ନିର୍ଯାତନା, ଦୁର୍ନୀତି ରୋକିବାକୁ ଥିବା ଆଇନ ସହ ଟ୍ରାଫିକ ନିୟମ ଉପରେ ସଚେତନ କରାଇଥିଲେ । ଅଧକ୍ଷ ରମେଶ କୁମାର ପାଢୀ, ଅଧାପକ ସୁଧାଂଶୁ କୁମାର ପଣ୍ଡା, ଜିଲା ପରିଷଦ ପ୍ରଫୁଲ୍ଲ ମହାଙ୍କୁଡ, ସମାଜିକ କର୍ମୀ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବିଭିନ୍ନ ଦିନରେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କିଚେନ ଗାର୍ଡେନ ନାହିଁ, ପୁଷ୍ଟି ବିକାଶ ଭେଳିକି

ନୟାଗଡ଼ ଅଫିସ,୨୭।୧୨

ଖାଦ୍ୟରେ ଅପମିଶ୍ରଣ ବଢୁଥିବାବେଳେ ଗୁଣବତ୍ତା ଥିବା ଖାଦ୍ୟ ବଣ୍ଟନ କରି ପୁଷ୍ଟି ସାଧନ ହେଉଛି ବୋଲି ପ୍ରଶାସନ ପକ୍ଷରୁ ଡିଣ୍ଡିମ ପିଟା ଯାଉଛି । ତେବେ ପ୍ରକୃତରେ କେତେଜଣଙ୍କ ପୁଷ୍ଟି ସାଧନ ହେଉଛି ତାହା ତଦନ୍ତସାପେକ୍ଷ । ଏଭଳିସ୍ଥଳେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ୨୦୨୧ ଡିସେମ୍ବରରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କିଚେନ ଗାର୍ଡେନକୁ ନ ଦେଖି ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ କିଚେନ ଗାର୍ଡେନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଇତି ମଧରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷଙ୍କ ନିର୍ଦ୍ଦେଶକୁ ୧ ବର୍ଷ ବିତି ଯାଇଥିଲେ ମଧ କିଚେନ ଗାର୍ଡେନ ହୋଇ ପାରିନି । ଆଗକୁ ମଧ ହେବ କି ନାହିଁ କହିବା ମୁସ୍କିଲ । ଯାହାକି ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଛି ।


ଶିଶୁ ଉଦ୍ୟାନ ଭିତରେ ଲୋକମାନେ ପିଲାଙ୍କ ଡ୍ରେସ୍ ଶୁଖାଇଛନ୍ତି ।

ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ପାର୍କରେ ଲୁଗା ଶୁଖାଇବାକୁ ନେଇ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାର ମଧ ସମାଧାନ ହୋଇ ପାରି ନାହିଁ ।

**ଛତୁଆକୁ ନାପସନ୍ଦ କରୁଛନ୍ତି ଗର୍ଭବତୀ, ଶିଶୁ :** ସମନ୍ୱିତ ଶିଶୁ ବିକାଶ ବିଭାଗର ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଗର୍ଭବତୀ ଓ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ଛତୁଆର ମାନ ଠିକ୍ ନୁହେଁ ବୋଲି ଅଭିଯୋଗ ହୋଇ ଆସୁଛି । ଅଧିକାଂଶ ସମୟରେ ଏନେଇ ଅଭିଯୋଗ ହୋଇ ଆସୁଥିଲେ ମଧ ଏହାକୁ ଅଣଦେଖା କରାଯାଉଛି । ଖଣ୍ଡପଡ଼ା, ନୂଆଗାଁ, ଗଣିଆ ବ୍ଲକ୍‌ରେ ନିମ୍ନମାନର ଛତୁଆ ଯୋଗାଣ ହେଉଛି ବୋଲି ଅଭିଯୋଗ ରହିଛି । ତେବେ ଏନେଇ ଜିଲା ସମାଜ ମଙ୍ଗଳ ବିଭାଗ ଅଥବା ସିଡିପିଓମାନେ ଅତର୍କିତ ଧରପଗଡ଼ କରୁ ନ ଥିବା ଅଧିକାଂଶ ମହିଳା ଅଭିଯୋଗ କରିଛନ୍ତି । ନିମ୍ନମାନର ଛତୁଆ ଯୋଗାଣ କରି ଭଲ ମାନର ଛତୁଆ ବଣ୍ଟନ କରାଯାଉଥିବାରୁ ପୁଷ୍ଟି ସାଧନ ଉପରେ ପ୍ରଶ୍ନବାଚୀ ଲଗାଇଛି । ଏହି କାରବାରରେ ଭଲ ଦୁଇ ପଇସା ମିଳୁଛି । ତଳୁ ଉପରସ୍ତରର ଅଧିକାଂଶ କର୍ମଚାରୀ ଓ ଅଧିକାରୀ ସଂପୃକ୍ତ ଅଛନ୍ତି, ଏପରିକି କେତେଜଣ ରାଜନେତା ମଧ ସାମିଲ ଅଛନ୍ତି ବୋଲି ଅଭିଯୋଗ ହୋଇଛି ।

### ଖାଦ୍ୟ ଆୟୋଗଙ୍କ ନିର୍ଦ୍ଦେଶ କାମ କରୁନି

**ପିଡିଏସ୍ ଚାଉଳର ମାନ ଉପରେ ପ୍ରଶ୍ନ:** ରାଶନ କାର୍ଡ ମାଧ୍ୟମରେ କାର୍ଡଧାରୀଙ୍କ ଦିଆଯାଉଥିବା ଚାଉଳର ମାନ ଅଧିକାଂଶ ସମୟରେ ଭଲ ରହୁ ନ ଥିବା ଅଭିଯୋଗ ରହିଛି । ମିଲର ମାନେ ଏଫଏକ୍ୟୁ ମାନର ଧାନ ନେଇ ନିମ୍ନମାନର ଚାଉଳ ଦେଉଥିବାର କୁହାଯାଉଛି । ସେହିପରି ରାଶନ କାର୍ଡଧାରୀଙ୍କୁ ପିଡିଏସ୍ ସାମଗ୍ରୀ ଓଜନରେ ଠକେଇ କରୁଥିବାର ଅଭିଯୋଗ ହୋଇ ଆସୁଛି । ହେଲେ ଯୋଗାଣ ବିଭାଗର ଚଢ଼ାଉ ନ ଥିବା ଦର୍ଶାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ଏହାର ଧରପଗଡ଼ କରୁ ନ ଥିବାରୁ ଗରିବ ଲୋକ ନିମ୍ନମାନର ଚାଉଳ ଖାଉଛନ୍ତି । ଅନ୍ୟପକ୍ଷେ ଉତ୍କୃଷ୍ଟ ମାନର ଚାଉଳ ଦିଆଯାଉଥିବାର ଡିଣ୍ଡିମ ପିଟୁଥିବାବେଳେ ୨୦୧୯ରେ ଜିଲା ଯୋଗାଣ ଅଧିକାରୀ ସମେତ ୪ଜଣ ନିଲମ୍ବିତ ହୋଇଥିଲେ । ନିମ୍ନମାନର ଚାଉଳ ବଣ୍ଟନ ପ୍ରମାଣିତ ହେବା ପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ଏହା ପରେ ବି ଅନିୟମିତତା ଚାଲିଛି । ହେଲେ ଧରପଗଡ଼ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏନେଇ ଅପପୁଷ୍ଟିର ଶିକାର ହୋଇଥିବା ଗଣିଆ ଅଞ୍ଚଳର ଜଣେ ଶିଶୁର ମା କହିଛନ୍ତି, କାଗଜପତ୍ରରେ ସବୁ କିଛି ଠିକ୍ ଚାଲିଛି । ଛତୁଆ ନିମ୍ନମାନର ବଣ୍ଟନ ନେଇ ସମସ୍ତେ ଅବଗତ । ହେଲେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ । ଖବରକାଗଜରେ ବାହାରିଲେ ସବୁ କିଛି ଠିକ୍ ଅଛି କହି ଦୁର୍ନୀତି ଫାଇଲକୁ ଚାପି ଦିଆଯାଉଛି ।

## ଚିତ୍ତରଞ୍ଜନ ନେଲେ ସରପଞ୍ଚ ଦାୟିତ୍ୱ

ନୟାଗଡ଼ ଅଫିସ,୨୭।୧୨

ନୟାଗଡ଼ ଜିଲା ସଦର ବ୍ଲକ ନବଘନପୁର ପଞ୍ଚାୟତରେ ସରପଞ୍ଚ ଭାବେ ଚିତ୍ତରଞ୍ଜନ ଭଞ୍ଜ ମଙ୍ଗଳବାର ଦାୟିତ୍ୱ ନେଇଛନ୍ତି । ନୟାଗଡ ଦେୱାନି ଜଜ କନିଷ୍ଠ ବିଭାଗଙ୍କ କୋର୍ଟରେ ଗତ ୨୧ ତାରିଖରେ ନବଘନପୁର ସରପଞ୍ଚଙ୍କ ମିଥ୍ୟା ସତ୍ୟପାଠ ମାମଲାର ରାୟ ପ୍ରକାଶ ପାଇଥିଲା । ଏଥିରେ ନବଘନପୁର ସରପଞ୍ଚ କବିରାଜ ସାହୁଙ୍କ ପଦବୀକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଚିତ୍ତ ରଞ୍ଜନ ଭଞ୍ଜଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ରହିଥିଲା । ନବଘନପୁର ପଞ୍ଚାୟତରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ୫ଜଣ ପ୍ରାର୍ଥୀ ଥିଲେ । ତେବେ କବିରାଜ ସାହୁ ଓ ଚିତ୍ତ ରଞ୍ଜନ ଭଞ୍ଜଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଚିତ୍ତରଞ୍ଜନ ୭୨ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ। ନିର୍ବାଚନ ସମୟରେ ସତ୍ୟପାଠରେ କୌଣସି ମାମଲା ନ ଥିବା କବିରାଜ ଦର୍ଶାଇଥିଲେ । ତେବେ କବିରାଜଙ୍କ ନାମରେ ୨ଟି ମାମଲା ରହିଥିଲେ ହେଁ ସେ ଜାଣିଶୁଣି ଲୁଚାଇଥିଲେ । ଯାହାକୁ ନେଇ ପ୍ରତିଦ୍ୱନ୍ଦ୍ୱି ପ୍ରାର୍ଥୀ ଚିତ୍ତରଞ୍ଜନ ଦେୱାନି ଜଜ କନିଷ୍ଠ ବିଭାଗଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ। ଏନେଇ ୪/୨୦୨୨ରେ ନିର୍ବାଚନ ମିସ କେଶ ରୁଜୁ ହୋଇ ମାମଲା ବିଚାରଧୀନ ଥିଲା ।

# ମାଣିକାଗୋଡ଼ା କ୍ରିକେଟ ଟିମ୍ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି ।

ଭାପୁର,୨୭।୧୨(ଡି.ଏନ.ଏ.)

ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ଅଧୀନ ବୋରଗାଁ ବ୍ରାହ୍ମଣୀଦେବୀ ପଡ଼ିଆରେ ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ସୋମବାର ଫାଇନାଲ ମ୍ୟାଚରେ ମାଣିକାଗୋଡ଼ା କ୍ରିକେଟ ଟିମ୍ ୧୩୭ ରନରେ ବାହାଡ଼ା କ୍ରିକେଟ କ୍ଲବକୁ ପରାସ୍ତ କରି ଚମ୍ପିୟାନ ହୋଇଛି। ପ୍ରଥମେ ମାଣିକାଗୋଡ଼ା ଟିମ୍ ୨୦ ଓଭରରେ ୯ ଉଇକେଟ ହରାଇ ୨୪୩ ରନ କରିଥିଲା । ଜବାବ୍‌ରେ ବାହାଡ଼ା ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ହୁସେନ ଖାଁ ୯୬ ରନ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପ୍ରଭାତ ପ୍ରଧାନ ଏବଂ ବିଜୟ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲା ବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋରର ଭାବେ କାର୍ଯ୍ୟ ତୁଲାଇଥିଲେ । ମୁଖ୍ୟଅତିଥି ରୂପେ ଖଣ୍ଡପଡା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧକ୍ଷା ସୀତା ସ୍ୱାଇଁ, ଭାଜପା ନେତା ଅଭିଳାଷ ପଣ୍ଡା, ସାମାଜିକ କର୍ମୀ ସଞ୍ଜୟ କୁମାର ଦାସ, କ୍ରୀଡା ଶିକ୍ଷକ କୈଳାସ ପ୍ରଧାନ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଜନ୍ମେଜୟ ଦଳେଇ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଦୁଇଟିଯାକ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ ।

## ଜଳେଶ୍ୱର ଜଳ ସମାଧି ନେଲେ

### ପୋଖରୀରେ ବୁଡ଼ି ଦିନମଜୁରିଆ ମୃତ

ଓଡଗାଁ,୨୭।୧୨(ସ୍ୱ.ପ୍ର.)

ସ୍ଥାନୀୟ ଆଦର୍ଶ ଥାନା ଅଧୀନ ଧୋବା ସାହିର ବାସିନ୍ଦା ଜଳେଶ୍ୱର ପ୍ରଧାନ (୪୫)ଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମଙ୍ଗଳବାର ମଧାହ୍ନରେ ଜଳେଶ୍ୱର କାମରୁ ଫେରି ଗାଧୋଇବାକୁ ସାହି ପଛରେ ଥିବା ଗୁଡି ପୋଖରୀକୁ ଯାଇଥିଲେ । ହେଲେ ସେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ । ଏକ ଛୋଟ ପିଲା ଜଳେଶ୍ୱର ବୁଡିଯାଉଥିବା ଦେଖି ଦୌଡ଼ି ଆସି ସାହି ଲୋକଙ୍କୁ କହିଥିଲେ । ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୨) ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜଳେଶ୍ୱର ଜଳ ସମାଧୀ ନେଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ପାଇଁ ପ୍ରୟାସ

### ୩୭ ଯକ୍ଷ୍ମାରୋଗୀଙ୍କ ପରିବାରକୁ ସୁଷମଖାଦ୍ୟ ପ୍ୟାକେଟ୍ ପ୍ରଦାନ

ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର.)

୨୦୨୫ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ଭାବେ ଯକ୍ଷ୍ମା ରୋଗ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି । ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ନି-କ୍ଷୟ ମିତ୍ର ନାମକ ଏକ କାର୍ଯ୍ୟକ୍ରମ ଜରିଆରେ ଯକ୍ଷ୍ମା ରୋଗୀଙ୍କ ପରିବାରବର୍ଗଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେହେରା ମୁଖ୍ୟଅତିଥି ରୁପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଖୋର୍ଦ୍ଧା ଅଞ୍ଚଳର ସାମାଜିକ ସଙ୍ଗଠନ ବିଶ୍ୱ ଜୀବନ ସେବା ସଂଘର ସଦସ୍ୟମାନେ ଖଣ୍ଡପଡ଼ା ଅଞ୍ଚଳର ୩୭ ଯକ୍ଷ୍ମା ପୀଡ଼ିତ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘୋଷଣା କରିଥିଲେ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୬ମାସ ପାଇଁ ଯକ୍ଷ୍ମା ରୋଗୀଙ୍କ ପରିବାରକୁ କ୍ଷୀର, ଡ଼ାଲି, ଅଣ୍ଡା, ହରଲିକ୍ସ ଆଦି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଦିଆଯିବ । ଜିଲା ଯକ୍ଷ୍ମା ଚିକିତ୍ସାଧିକାରୀ ଡ.ଶରତ ଚନ୍ଦ୍ର ଦାଶ, ଦିଲ୍ଲୀପ ପ୍ରଧାନ, ଦୀପକ ଦଳବେହେରା, ତପନ ପଣ୍ଡାଙ୍କ ସମେତ ବିଶ୍ୱ ଜୀବନ ସେବା ସଂଘର ସାଧାରଣ ସମ୍ପାଦକ ବୈଦ୍ୟନାଥ ବରାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ରୋଗୀଙ୍କ ସୁସ୍ଥ ଜୀବନ କାମନା କରିଥିଲେ ।



ଯକ୍ଷ୍ମା ରୋଗୀଙ୍କ ପରିବାରକୁ ସୁଷମ ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରାଯାଉଛି ।

# ବଲାଙ୍ଗୀ ପାର୍କରେ ଗଛ ଜଳିଯାଉଛି

ନୟାଗଡ଼ ଅଫିସ,୨୭।୧୨

ଖଣ୍ଡପଡ଼ା ରୋଡରେ ଥିବା ବଲାଙ୍ଗୀ ପାର୍କରେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗଛ ମରି ଯାଉଥିବା ଦେଖିବାକୁ ମିଳୁଛି । ସେହିପରି କିଛି ଗଛକୁ ରୋପଣ ପାଇଁ ରଖା ଯାଇଛି । ଗଛଗୁଡିକ ମରି ଯାଇଥିଲେ ମଧ ସେଗୁଡିକୁ ରୋପଣ କରାଯାଉ ନାହିଁ । ବଲାଙ୍ଗୀ ପାର୍କର ସଫଳତା ପ୍ରଚାର ଚାଲିଛି । ହେଲେ ବିଫଳତାକୁ ଘୋଡାଇବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ ହେଉଛି । ଏହା ଦ୍ୱାରା ସରକାରଙ୍କର ଟଙ୍କା ଅଯଥାରେ ଅପବ୍ୟୟ ହେଉଛି ବୋଲି ଅଭିଯୋଗ ଉଠିଛି ।



## ମାଫିଆଙ୍କ କବ୍‌ଜାରେ ଠାକୁର ଜମି

ପୁରୁଷୋତ୍ତମପୁର,୨୭।୧୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ସହର ଉପକଣ୍ଠରେ ରାଧାକୃଷ୍ଣ ଠାକୁରଙ୍କ ନାମରେ ଥିବା ପ୍ରାୟ ଏକ ଏକରରୁ ଊର୍ଦ୍ଧ୍ୱ ଜମିକୁ ମାଫିଆମାନେ କବଜା କରିନେଇଥିବା ଅଭିଯୋଗ ହୋଇଛି। ଏହି ଜମିକୁ ଜଣେ ବ୍ୟକ୍ତି ତହସିଲରେ କୁଆଡେ ନିଜ ନାମରେ ପଟ୍ଟା କରାଇ ନେଇଥିଲେ। ଗତ କିଛିଦିନ ତଳେ ତାହାକୁ ସେ ବିକ୍ରି ମଧ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳର କେତେଜଣ ବ୍ୟକ୍ତି ଏ ନେଇ ଗଞ୍ଜାମ ଜିଲାପାଳ, ଦେବୋତ୍ତର କମିସନରଙ୍କ ନିକଟକୁ ଯାଇ ଫେରାଦ ହେବେ ବୋଲି ଜଣାପଡିଛି।

## ବନ୍ଧକ ଘର ସିଲ୍ କଲା ବ୍ୟାଙ୍କ

ପୋଲସରା,୨୭।୧୨(ଡି.ଏନ.ଏ.)

ବ୍ୟବସାୟ ପାଇଁ ଆଣିଥିବା ଋଣ ଶୁଝି ନ ପାରିବାରୁ ଜଣେ ବ୍ୟକ୍ତି ବନ୍ଧକ ରଖିଥିବା ଘରକୁ ବ୍ୟାଙ୍କ ପକ୍ଷରୁ ସୋମବାର ସିଲ କରାଯାଇଛି। ପୋଲସରା ବ୍ଲକ ହାତୀଓଟ ଗ୍ରାମର ଫକୀର କୁମାର ଜେନା ବ୍ୟବସାୟ ପାଇଁ ନିଜ ଦୋକାନ ନାମରେ ୨୦୧୯ରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ହାତୀଓଟ ଶାଖାରୁ ନିଜ ଘର ବନ୍ଧକ ଆକାରରେ ରଖି ୨୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ସେ ଠିକ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଋଣ ଭାର ୩୦ ଲକ୍ଷରେ ପହଞ୍ଚିଥିଲା। ବ୍ୟାଙ୍କ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ ଟଙ୍କା ଶୁଝି ନ ଥିଲେ। ତେଣୁ ବ୍ୟାଙ୍କ ପ୍ରଶାସନ ପକ୍ଷରୁ ସରଫେସି ଆକ୍ଟ ଅନୁଯାୟୀ ଫକୀରଙ୍କର ତିନୋଟି ସ୍ଥାନରେ ଥିବା ୩ କୋଠାକୁ ଜଉମୁଦ ସହ ସିଲ କରାଯାଇଛି। ଜଉମୁଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ଅଜୟ କୁମାର ନାୟକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ହାତୀଓଟ ଶାଖା ପରିଚାଳକ ସ୍ୱପ୍ନ ସରିତଙ୍କ ସମେତ ବାଲିଛାଇ ଫାଣ୍ଡି ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ସାହିତ୍ୟିକ ପ୍ରଫୁଲ୍ଲ ମିଶ୍ରଙ୍କ ସ୍ମୃତିସଭା

ଦଶପଲ୍ଲା,୨୭।୧୨(ଡି.ଏନ.ଏ.)

ମଙ୍ଗଳବାର ମାଟିର ସ୍ୱର ଅନୁଷ୍ଠାନ ତରଫରୁ ଦଶପଲ୍ଲା ଇଲେଭେନ୍ ଷ୍ଟାର ସ୍ପୋର୍ଟିଂ କ୍ଲବ୍ ସଭାଗୃହରେ ଦଶପଲ୍ଲାର ପ୍ରତିଷ୍ଠିତ ସାହିତ୍ୟିକ, ଲେଖକ, ସଙ୍ଗଠକ, ନାଟ୍ୟକାର ତଥା କଳାକାର ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ପ୍ରସନ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଣକୃଷ୍ଣ ବେହେରା, ଶରତ ବେହେରା, ଡ. ସରୋଜ କୁମାର ନାୟକ ,ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସାମାଜିକ ଜୀବନ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ବିଷୟରେ ସୂଚନା ଦେଇଥିଲେ । ମହେଶ୍ୱର ବେହେରା, ମୁରଲୀ ଧର ମହାରଣା, ସରୋଜ ପଣ୍ଡା ପ୍ରମୁଖ କବିତା ମାଧ୍ୟମରେ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଲେଖ ସାହୁ, ଶରତ ବେହେରା, ନାରାୟଣ ସାହୁ, ଡ.ଅନ୍ତର୍ଯ୍ୟାମୀ ଭୂୟାଁ ଏବଂ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରାଧାପକ କୁଳମଣି ବାରିକ ଓ ଡ. ଲକ୍ଷ୍ମୀପ୍ରିୟା ଦେଇ ପ୍ରେରଣ କରିଥିବା ବାର୍ତ୍ତା ପଠନ କରଯାଇଥିଲା । ଅନୁଷ୍ଠାନ ତରଫରୁ ସାମାଜିକ କର୍ମୀ ପ୍ରଭାତ କୁମାର ସାହୁ ସଂଯୋଜନା କରିଥିଲେ ।


ସ୍ମୃତିସଭାରେ ମଞ୍ଚାସୀନ ଅତିଥି ।

# ଖୋଲିନି ଧାନମଣ୍ଡି, ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ

ବେଗୁନିଆପଡ଼ା,୨୭।୧୨

ଧାନମଣ୍ଡି ସମସ୍ୟାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଛି। ବର୍ତ୍ତମାନ ୮୦ ପ୍ରତିଶତ ଧାନ ଅମଳ ଶେଷ ହୋଇଯାଇଥିବା ବେଳେ ଏଯାବତ ମଣ୍ଡି ଖୋଲାଯାଇନାହିଁ। ୪୮ ଘଣ୍ଟା ମଧରେ ଧାନମଣ୍ଡି ଖୋଲିବା ଓ ମଣ୍ଡି ସମସ୍ୟାର ସମାଧାନ ଦାବି ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ବେଗୁନିଆପଡା ବ୍ଲକ ଘେରାଉ କରିଛି। ଭାଜପା ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶନୀ, ରାଜ୍ୟ ପରିଷଦ ସଦସ୍ୟ ପ୍ରତାପ ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରଞ୍ଜନ ମଙ୍ଗରାଜ, କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ, ମିଡିଆ ସେଲ୍ ରାଜ୍ୟ ଉପସଭାପତି ପ୍ରଦୀପ କୁମାର ସାହୁଙ୍କ ସହ ୫ ଶହରୁ ଊର୍ଦ୍ଧ୍ୱ କୃଷକ ସାମିଲ ହୋଇଥିଲେ। ପ୍ରଥମେ ସିଦ୍ଧେଶ୍ୱର ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ବେଗୁନିଆପଡ଼ା ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଗର୍ଜିଥିଲେ। ପରେ ବ୍ଲକ ଫାଟକରେ ଧସେଇ ପଶି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ପ୍ରଜ୍ଞା ପ୍ରିୟଦର୍ଶନୀ କାର୍ଯ୍ୟାଳୟକୁ ଆସିବା ପରେ ଦୀର୍ଘ ସମୟ ତାଙ୍କ ସହ ମଣ୍ଡି ସମସ୍ୟା ନେଇ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ବେଗୁନିଆପଡ଼ା ବ୍ଲକରେ ମାତ୍ର ୨ଟି ମଣ୍ଡି ଖୋଲିଥିଲା ବେଳେ ଏଯାବତ କୌଣସି ଧାନ କିଣାଯାଇନି। ଏଭଳି ସ୍ଥିତିର ସୁଯୋଗ ନେଇ ଆନ୍ଧ୍ର ବେପାରୀ କମ୍ ଦାମରେ ଚାଷୀଙ୍କ ଠାରୁ ଧାନ କିଣି ନେଉଛନ୍ତି।



ଭାଜପା କୃଷକ ମୋର୍ଚ୍ଚାର ବ୍ଲକ ଘେରାଉ କରାଯାଇଛି ।

